ବର୍ଷ-୨୬, ସଂଖ୍ୟା-୧୦୮
ଭୁବନେଶ୍ୱର
୨୧, ଏପ୍ରିଲ୍ ୨୦୨୬ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୦୮
Bhubaneswar
21 April, 2026 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଭୁଲରେ ବିଦେଶୀ ଇନଫ୍ଲୁଏନ୍ସରଙ୍କୁ ଲାଇକ୍ କଲେ କୋହଲି

# କଟକ ସିଆରଆରଆଇରେ ଅକ୍ଷିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ

## ୪୧.୬୮ ଲକ୍ଷରୁ ଅଧିକ ଚାଷୀଙ୍କୁ ୮୩୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା, ଆମ ବିହନ ରଥର ହେଲା ଶୁଭାରମ୍ଭ

ଭୁବନେଶ୍ୱର, ୨୦।୪(ମହାଭାରତ): ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ଏହି ଅବସରରେ ସେ ୪୧,୬୮, ୫୮୨ ଜଣ ଚାଷୀଙ୍କୁ ସିଏମ-କିଷାନ ଯୋଜନାରେ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ।

ଧାନ ଗବେଷଣା କେନ୍ଦ୍ର ନିକଟରେ ଥିବା ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ପରେ ଅକ୍ଷି ମୁଠି ଅନୁକୂଳ କରିଥିଲେ । ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ ' ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ ।

ସୂଚନା ଯୋଗ୍ୟଯେ , କୃଷକଙ୍କୁ ସହଜରେ ଉନ୍ନତ ବିହନ ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆମ ବିହନ ରଥ" ବା ସିଡସ୍ ଅନ୍ ହ୍ୱିଲସ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲ୍ଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜିଆ ପ୍ୟାକେଟ୍ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମ ପଞ୍ଚାୟତ ସ୍ତରରେ ଉପଲବ୍ଧ ହେବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭାଇ ଓ ଭଉଣୀଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟ ତୃତୀୟା ଦିନ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ୨୦୨୬ ଖରିଫ ଋତୁ ପାଇଁ ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଜଣ କୃଷକଙ୍କୁ ସିଏମ-କିଷାନ ଯୋଜନାରେ ପ୍ରାୟ ୮୩୮ କୋଟି ୪୮ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ସେ କହିଥିଲେ ଯେ, କୃଷକଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ହେଉଛି ସରକାରଙ୍କ



ପ୍ରାଥମିକତା ଏବଂ ଏହି ଯୋଜନା ତାହାର ଏକ ଉତ୍କୃଷ୍ଟ ଉଦାହରଣ। ସୂଚନାଯୋଗ୍ୟ ଯେ ଏହି ଚାଷୀମାନଙ୍କ ମଧ୍ୟରୁ ୪୧,୨୪,୨୪୧ ଜଣ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ। ୪୧,୦୪୯ ଜଣ ହେଉଛନ୍ତି ଭୂମି ହୀନ କୃଷକ ପରିବାରର ଚାଷୀ ଏବଂ ୩,୨୯୨ ଜଣ ହେଉଛନ୍ତି ଜନଜାତି କୃଷକ ପରିବାରର ଚାଷୀ।

ନୂଆ ସରକାର କ୍ଷମତାକୁ ଆସିବା ପରେ କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩ ପ୍ରତିଶତକୁ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ। ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍ ?ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଚାଷୀଙ୍କ ପରିଶ୍ରମର ଯଥୋଚିତ ମୂଲ୍ୟ ଦେବା ପାଇଁ ରାଜ୍ୟ ସରକାର କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ୨୦୨୫-୨୬ ଖରିଫ ଋତୁରେ ୧୮ ଲକ୍ଷ ୫୫ ହଜାର ୬୬୧ ଜଣ ଚାଷୀଙ୍କ ଠାରୁ ୭୬.୪୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ଏଥିପାଇଁ ୫,୫୮୯ କୋଟି ୯୮ ଲକ୍ଷ ଟଙ୍କା ଇନ୍ ?ପୁଟ ସହାୟତା ଦିଆଯାଇଛି।

କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ ଜଣ ଛାତ୍ରଛାତ୍ରୀଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି। ରାଜ୍ୟ ସରକାର "ବଳଭଦ୍ର ଜୈବିକ ଚାଷ ମିଶନ" ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀ ଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥୀ। ରାଜ୍ୟ ସରକାର ସଦା ସର୍ବଦା କୃଷକଙ୍କ ସହିତ ରହିବ ଏବଂ ଆଗାମୀ ଦିନରେ କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର କୃଷି କ୍ଷେତ୍ରରେ ଆସୁଥିବା ପରିବର୍ତ୍ତନର ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, 'ବିଜ୍ ସେ ବାଜାର' ପରିକଳ୍ପନା ଅନୁସାରେ ମଞ୍ଜିରୁ ବଜାର ପର୍ଯ୍ୟନ୍ତ ଏକ ସମନ୍ୱିତ ବ୍ୟବସ୍ଥା ଦେଶରେ ଗଢ଼ିଉଠିଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ହେଉଛି ଭାରତୀୟ କୃଷି ଓ କୃଷକଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ କରିବା।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଆପଣମାନଙ୍କ ପରିଶ୍ରମରେ ଆମ ମାଟି ସୁଜଳା ସୁଫଳା ହୋଇଥାଏ।

ଏହି ଅବସରରେ କଟକର ସାଂସଦ ଭର୍ତ୍ତୃହରି ମହତାବ, ଜଗତସିଂହପୁରର ସାଂସଦ ବିଭୁପ୍ରସାଦ ତରାଇ , ନିଆଳିର ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିରଦୌସ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

ଏହା ସହ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ , କଟକର ନିର୍ଦ୍ଦେଶକ ଡଃ ଜିଏକେ କୁମାରଙ୍କ ପ୍ରମୁଖ ମଂଚାସୀନ ଥିଲେ।

# ରଥ କାଠ ଅନୁକୂଳ



ପୁରୀ, ୨୦।୪(ମହାଭାରତ): ଜନ୍ମବେଦିକୁ ଯାତ୍ରା କରିବେ ଲୀଳାମୟ ମହାପ୍ରଭୁ। ଅକ୍ଷୟ ତୃତୀୟାରେ ବଡ ଠାକୁରଙ୍କ ପାଇଁ ବଡଦାଣ୍ଡରେ ଆରମ୍ଭ ହୋଇଛି ରଥ ନିର୍ମାଣ ପର୍ବ। ବାଜିଛି ରଥଯାତ୍ରାର ବିଗୁଲ୍। ଶ୍ରୀବିଗ୍ରହଙ୍କ ଆଜ୍ଞାମାଳ ଆସି ଲାଗି ହେବା ପରେ ଶ୍ରୀନଅର ସମ୍ମୁଖ ଯଜ୍ଞସ୍ଥଳରେ ହୋମଯଜ୍ଞ ପୂର୍ବକ ରଥ ନିର୍ମାଣ ଅନୁକୂଳ କରାଯାଇଛି। ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସମେତ ଅନ୍ୟ ସେବକମାନେ ରଥ ନିର୍ମାଣ ପାଇଁ ଶା ? ବନ୍ଧାଇ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରଥ ନିର୍ମାଣ ପୂର୍ବରୁ ଶ୍ରୀନଅର ସମ୍ମୁଖରେ ନିର୍ମିତ ଯଜ୍ଞଶାଳାରେ ?ଯଜ୍ଞ କରାଯାଇଛି। ଦେଉଳ ପୁରୋହିତ, ରାଜଗୁରୁ, ଶ୍ରୋତ୍ରୀୟ ବ୍ରାହ୍ମଣ ଯଜ୍ଞ କରିଛନ୍ତି। ଅସ୍ଥାୟୀ ଯଜ୍ଞଶାଳାରେ ୩ଟି ଧଉରା କାଠ ରଖାଯାଇ ଶାସ୍ତ୍ର ମତେ ହୋମଯଜ୍ଞ କରାଯାଇଥିଲା ।ବନଜାଗର ଇଷ୍ଟ ଦେବତା ଆଦି ନୃସିଂହଙ୍କୁ ଆରାଧନା କରାଯାଇ ନୃସିଂହଙ୍କ ମନ୍ତ୍ରରେ ଯଜ୍ଞ ଆହୁତି ଦିଆଯାଇଥିଲା। ରଥ କାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ୱତନ୍ତ୍ର ମଣି ବିମାନରେ ଚଳନ୍ତି ପ୍ରତିମା ବିଜେ କରିଥିଲେ। ମଦନମୋହନ, ଶ୍ରୀଦେବୀ, ଭୂଦେବୀ ମଣି ବିମାନରେ ଚାପ ଖେଳିବାକୁ ଯିବା ପୂର୍ବରୁ କିଛି ସମୟ ଅପେକ୍ଷା କରି ରଥକାଠ ଆଡକୁ ମୁହଁ କରି ରହିଥିଲେ। ନିଜର ଯାତ୍ରା ପାଇଁ ପ୍ରାରମ୍ଭିକ ପ୍ରସ୍ତୁତିକୁ ଦେଖିଥିଲେ। ଆଗରେ ରାମ-କୃଷ୍ଣ ପାଲିଙ୍କିରେ ଏବଂ ପଞ୍ଚ ମହାଦେବ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର ରଥ ଖଳା ନିକଟରେ ରଥକାଠ ଅନୁକୂଳ ପର୍ଯ୍ୟନ୍ତ ରହିଥିଲେ। ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା କରାଯାଇଥିଲା। ସନ୍ଧ୍ୟାରେ ମଣି ବିମାନରେ ଠାକୁର ବାହାରିଥିବା ବେଳେ ତିନି ବାଡର ପୂଜାପଣ୍ଡା ସେବକମାନେ ୩ ରଥର ଆଜ୍ଞାମାଳ ଶ୍ରୀମନ୍ଦିରରୁ ଯଜ୍ଞସ୍ଥଳକୁ ଆଣି ବିଜେ କରିଥିଲେ।

# ପାହାଡ ତଳକୁ ଖସିଲା ଯାତ୍ରୀବାହୀ ବସ୍

## ୧୫ ଜଣଙ୍କ ମୃତ୍ୟୁ, ୨୦ ଆହତ

ଜମ୍ମୁ, ୨୦।୪(ମହାଭାରତ): ଜମ୍ମୁ ଓ କାଶ୍ମୀରର ଉଧମପୁର ଜିଲ୍ଲାରେ ସୋମବାର ଦିନ ଏକ ଯାତ୍ରୀବାହୀ ବସ୍ ପାହାଡ ତଳକୁ ଖସି ପଡ଼ିବା ଫଳରେ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ଏବଂ ୨୦ ଜଣ ଆହତ ହୋଇଛନ୍ତି ।ଦୁର୍ଘଟଣାସ୍ଥଳରେ ବର୍ତ୍ତମାନ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି



ରହିଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଜିଲ୍ଲା ଡେପୁଟି କମିଶନରଙ୍କ ସହ କଥା ହୋଇଛନ୍ତି ଏବଂ ଗୁରୁତର ଆହତମାନଙ୍କୁ ଏୟାରଲିଫ୍ଟ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏଲଜି ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲା ଶୋକ ପ୍ରକାଶ କରିଛନ୍ତି ।ତାଙ୍କୁ କୁହାଯାଇଛି ଯେ ଦୁର୍ଘଟଣାଗ୍ରସ୍ତ ବସ ଆଜି ସକାଳେ ଏକ ଦୂର ଗାଁରୁ ଉଧମପୁର ଅଭିମୁଖେ ଯାତ୍ରା କରୁଥିଲା। ସକାଳ ପ୍ରାୟ ୧୦:୦୦ ଟା ସମୟରେ, ରାମନଗର ଅଞ୍ଚଳର କାଗୋଟେ ଗ୍ରାମ ନିକଟରେ, ବସ୍ଟି ଏକ ଭୟଙ୍କର ମୋଡ଼ରେ ନିୟନ୍ତ୍ରଣ ହରାଇ ଏକ ଘାଟିରେ ଖସିପଡ଼ିଲା ।ସ୍ଥାନୀୟ ବାସିନ୍ଦା ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ; ସେମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଆହତମାନଙ୍କୁ ଭଗ୍ନାବଶେଷରୁ ବାହାର କରିଥିଲେ। ସୂଚନା ପାଇବା ପରେ, ପୋଲିସ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ କର୍ମଚାରୀମାନେ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚି ପୀଡିତମାନଙ୍କୁ ବାହାର କରିବା କାର୍ଯ୍ୟ ଆରମ୍ଭ କରିଥିଲେ। ଜଣେ ଅଧିକାରୀ କହିଛନ୍ତି ଯେ ଘାଟି ଏବଂ ବସ୍ ଭଗ୍ନାବଶେଷରୁ ୧୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି, ଯେତେବେଳେ ୨୦ ଜଣ ଆହତଙ୍କୁ ଡାକ୍ତରଖାନାକୁ ପଠାଯାଇଛି, ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି ।କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଦୁର୍ଘଟଣା ପରେ ଉଧମପୁର ଡେପୁଟି କମିଶନର ମିଙ୍ଗା ଶେର୍ପାଙ୍କ ସହ କଥା ହୋଇଥିଲେ ।ମନ୍ତ୍ରୀ ଜିତେନ୍ଦ୍ର ସିଂହ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଉଧମପୁରର ଡେପୁଟି କମିଶନର ମିଙ୍ଗା ଶେର୍ପାଙ୍କ ସହ କଥା ହୋଇଥିଲେ ମୁଁ ଏକ ଘଣ୍ଟା ପୂର୍ବରୁ କାନୋଟେ ଗ୍ରାମ ନିକଟରେ ରାମନଗରରୁ ଉଧମପୁର ଯାଉଥିବା ଏକ ସାଧାରଣ ପରିବହନ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ସମ୍ପର୍କରେ ସୂଚନା ପାଇଥିଲି,ସେ ଆହୁରି ମଧ୍ୟ କହିଛନ୍ତି ଯେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି।

# ବାଦ ପଡିଥିବା ଭୋଟରଙ୍କ ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦।୪(ମହାଭାରତ); ଭୋଟର ତାଲିକାରୁ ୯.୮ ଲକ୍ଷ ନାଁ କଟିବା ପରେ ଗୃହ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅନେକ ଜୀବିତ ଓ ସ୍ଥାନୀୟ ଭୋଟରଙ୍କ ନାଁ କଟାଯାଇଥିବା ଅଭିଯୋଗ ପରେ ନିର୍ଦ୍ଦେଶ ଦିଆଯାଇଛି । ମୃତ ଭୋଟରଙ୍କ ନାଁ ପୂର୍ଣ୍ଣ ଯାଞ୍ଚ ପରେ ହିଁ କାଟିବାକୁ ଇଆରଓଙ୍କୁ ନିର୍ଦ୍ଦେଶ ଦେଇଛି ବିଭାଗ । ଏନେଇ ପରିବାର କିମ୍ବା ନିକଟ ସଂପର୍କୀୟଙ୍କୁ ଫର୍ମ ୭ ଦାଖଲ କରିବାକୁ ହେବ । ସନ୍ଦେହଜନକ, ନକଲି କିମ୍ବା ତଥ୍ୟରେ ତ୍ରୁଟି ଥିଲେ ନୋଟିସ୍ କରି ଯାଞ୍ଚ କରନ୍ତୁ । ଫର୍ମ-୭ ଆବେଦନର ୫୦ ପ୍ରତିଶତ ମାମଲାରେ ଫିଜିକାଲ ଭେରିଫିକେସନ ବାଧ କରାଯାଇଛି । ବିଏଲଓ ମାନେ ତୃଣମୂଳ ସ୍ତରରେ ଯାଞ୍ଚ କରି ନଥିବା ଅଭିଯୋଗ ପରେ ତତ୍ପରତା ଦେଖାଇଛି ବିଭାଗ ।

ଭୁଲ୍‌ରେ ଭୋଟର ତାଲିକାରୁ ନାଁ କଟିଥିଲେ ଯୋଡ଼ାଯିବ ବୋଲି ପ୍ରେସମିଟ୍‌ରେ ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ଆଁ. ସନ୍ତଗୋପାଳନ । ସେ କହିଛନ୍ତି ଯେ, ଗୃହ ବିଭାଗର ଟିଏ ଏକ ନିୟମିତ ପ୍ରକ୍ରିୟା, କେବଳ ଯାଞ୍ଚ ପାଇଁ କୁହାଯାଇଛି । ସାଧାରଣତଃ ଓଡ଼ିଶାରେ ୭ରୁ ୯ ଲକ୍ଷ ଭୋଟରଙ୍କ ନାଁ କଟିଥାଏ । ଏଥର ଟିକେ ଅଧିକ କଟିଛି, ତେଣୁ ଯାଞ୍ଚ ପାଇଁ କୁହାଯାଇଛି । ଯଦି ଭୁଲ୍‌ରେ ନାଁ କଟିଥିବ, ପୁଣି ତାଲିକାରେ ଯୋଡ଼ାଯିବ । ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ବହୁ କମ୍ କଟିଛି ବୋଲି ସେ କହିଛନ୍ତି ।

# ଫେସ ଟୁ ଫେସ ଆଲୋଚନା ପାଇଁ ଟ୍ରମ୍ପଙ୍କ ଇଚ୍ଛା

## ପାକିସ୍ତାନ ଗଲେ ଜେଡି ଭାନ୍ସ

ୱାଶିଂଟନ, ୨୦।୪(ମହାଭାରତ): ପାକିସ୍ତାନରେ ଇରାନ ସହ ଉଚ୍ଚ ସ୍ତରୀୟ ଆଲୋଚନା ପୂର୍ବରୁ ବଡ ବୟାନ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ ଇରାନ ସହ ସମ୍ଭାବ୍ୟ କୂଟନୀତିକ ସମ୍ପର୍କ ଆରମ୍ଭର ସଙ୍କେତ ଦେଇଛନ୍ତି। ଯଦି ପାକିସ୍ତାନରେ ହେବାକୁ ଥିବା ଆଲୋଚନା ଫଳପ୍ରଦ ହେବ, ତା'ହେଲେ ସେ ଇରାନୀୟ ନେତୃବୃନ୍ଦଙ୍କୁ ଭେଟିବାକୁ ଆଦୌ ପଛାଇବେ ନାହିଁ ବୋଲି କହିଛନ୍ତି।



ଜେଡି ଭାନ୍ସ, ସ୍ପେଶାଲ କୂଟନୀତିଜ୍ଞ ଷ୍ଟିଭ ୱିଟକୋଫ ଓ ପରାମର୍ଶଦାତା ଜାରେଡ କୁଶନେର ଇରାନ ସହ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ଅଭିମୁଖେ ବାହାରି ସାରିଥିବା ନ୍ୟୁଯର୍କ ପୋଷ୍ଟକୁ ନିଶ୍ଚିତ କରିଛନ୍ତି ଟ୍ରମ୍ପ। ସେ କହିଛନ୍ତି, "ସେମାନେ ଏବେ ବାହାରି ସାରିଛନ୍ତି। ସେମାନେ ଆଜି ରାତିରେ ପାକିସ୍ତାନରେ ପହଞ୍ଚିଯିବେ।" କିନ୍ତୁ ଦିନକ ତଳେ ଇରାନ ସହ ଆଲୋଚନା କରିବାକୁ ଜେଡି ଭାନ୍ସ ପାକିସ୍ତାନ ଗସ୍ତ କରିବେ ନାହିଁ ବୋଲି ଟ୍ରମ୍ପ କହିଥିଲେ।

ଆମେରିକା ପ୍ରତିନିଧିମାନେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପାକିସ୍ତାନ ଗସ୍ତ କରିଥିଲେ ହେଁ ଇରାନ ନିଜର ଯୋଗାଦାନକୁ ଏଯାଏ ନିଶ୍ଚିତ କରିନି। ପାକିସ୍ତାନ ଗସ୍ତରେ ଇରାନ ନିଜର ପ୍ରତିନିଧିଙ୍କୁ ପଠାଇବା ମୁଡରେ ନଥିବା ରିପୋର୍ଟ ପ୍ରକାଶ ପାଇଛି।

ଇରାନୀୟ ଗଣମାଧ୍ୟମରେ କୁହାଯାଇଛି ଯେ ଆମେରିକାର କୂଟନୀତିକ ଉଦ୍ୟମ ଉପରେ ସନ୍ଦେହ କରି ତେହରାନ ସମ୍ଭବତଃ ବୈଠକରେ ସାମିଲ ହୋଇ ନ ପାରେ। ଏଯାଏ ଏହା ଉପରେ କୌଣସି ନିଷ୍ପତ୍ତି ହୋଇ ନାହିଁ। ୱାଶିଂଟନର ଅତ୍ୟଧିକ ଦାବି, ଅଜବ ଆଶା ଓ ନିୟମିତ ଆଭିମୁଖ୍ୟ ବଦଳାଇବା ନୀତି ଯୋଗୁ ଇରାନ ଦ୍ୱିତୀୟ ରାଉଣ୍ଡ ବୈଠକ ସପକ୍ଷରେ ଥିବା ସ୍ଥାନୀୟ ଗଣମାଧ୍ୟମ କହିଛି। ଏସବୁ ଭିତରେ ଟ୍ରମ୍ପ କହିଛନ୍ତି, "ଆମେ ଆଲୋଚନା ସପକ୍ଷରେ ରହିଛୁ। ଏ ସମୟରେ କେହି କୌଣସି ଖେଳ ଖେଳୁ ନଥିବା ମୁଁ ଭାବୁଛି। ସେମାନଙ୍କ(ଇରାନୀୟ ନେତୃବୃନ୍ଦ) ସହ ବୈଠକ କରିବାରେ ମୋର କୌଣସି ସମସ୍ୟା ନାହିଁ। ଯଦି ସେମାନେ ଭେଟିବାକୁ ଚାହୁଁଛନ୍ତି, ତା'ହେଲେ ସେମାନଙ୍କ ସହ ଫେସ ଟୁ ଫେସ ଆଲୋଚନା କରିବାରେ କୌଣସି ଅସୁବିଧା ନାହିଁ।"

# ଆସିବେ ରାଷ୍ଟ୍ରପତି, ସଜେଇ ହେଉଛି ରାଉରକେଲା

ରାଉରକେଲା, ୨୦।୪(ମହାଭାରତ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଉରକେଲା ଗସ୍ତରେ ଆସିବେ। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସଜେଇ ହେଉଛି ଇସ୍ପାତ ସହର। ଅନ୍ୟପକ୍ଷେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏୟାର ପୋର୍ଟ ପାଖ ପଡିଆରେ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ହୋଇଛି ।ଏପରିକି ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ୪୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତକୁ ସଫଳ କରିବା ପାଇଁ ୬ ଜଣ ଏସ୍ ?ପିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୫୧ ଜଣ ଇନ୍ସପେକ୍ଟର ନିୟୋଜିତ ହେବେ। ଏଥିସହ ୯ ଜଣ ଅତିରିକ୍ତ ଏସ୍‌ପି, ୮ଶହ ହୋମଗାର୍ଡ ଏବଂ ୨ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପୋଲିସ କର୍ମଚାରୀ ଉପସ୍ଥିତ ରହିବେ। ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥା କଡାକଡି ସାଙ୍ଗକୁ ପାର୍କିଂ ବ୍ୟବସ୍ଥା ସୂଚାରୁ ରୂପେ ପରିଚାଳନା ପାଇଁ ଡିଆଇଜି ରାୟ ନିର୍ଦ୍ଦେଶ ଦେଇଛନ୍ତି।



# ଖଡ଼ଗପୁରରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଖଡ଼ଗପୁର/ଭୁବନେଶ୍ୱର, ୨୦।୪(ମହାଭାରତ): ବର୍ତ୍ତମାନର ଟିଏମସି ସରକାର ଅଧୀନରେ ପଶ୍ଚିମବଙ୍ଗ ଦୁର୍ନୀତି, ଅରାଜକତା ଓ ତୁଷ୍ଟିକରଣ ରାଜନୀତିରେ ଫସି ରହିଛି । ସିଣ୍ଡିକେଟ୍ ରାଜ୍ ; ଶାସନ ବ୍ୟବସ୍ଥାକୁ ଭିତରୁ ଖୋଳପା କରିଦେଇଛି । ତେବେ ଏଠାରେ ବିଜେପି ସରକାର ଆସିଲେ ଏ ସବୁର ଅନ୍ତ ଘଟିବ ବୋଲି ଆଜି ପଶ୍ଚିମବଙ୍ଗର ଖଡ଼ଗପୁରରେ ରହୁଥିବା ପ୍ରବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପବିତ୍ର 'ଅକ୍ଷୟ ତୃତୀୟା' ଅବସରରେ ଶ୍ରୀ ପ୍ରଧାନ ପ୍ରଥମେ ଖଡ଼ଗପୁର ସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଏକ ପଥପ୍ରାନ୍ତ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଖଡ଼ଗପୁରରେ ଦୀର୍ଘ



୫୦ ବର୍ଷରୁ ଅଧିକ ସମୟ ଧରି ବସବାସ କରୁଥିବା ଓଡ଼ିଆ ଭାଇଭଉଣୀମାନେ ନିଜର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିଛନ୍ତି। ଏହା ଆମ ଓଡ଼ିଆ ଅସ୍ମିତାର ଏକ ଗୌରବମୟ ପରିଚୟ । ରାଜ୍ୟର ରାଜନୈତିକ ସ୍ଥିତି ଉପରେ ଚିନ୍ତା ପ୍ରକଟ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରୀ ଦୁର୍ନୀତି ଯୋଗୁଁ ଯୋଗ୍ୟ ଯୁବକଯୁବତୀମାନେ ଚାକିରିରୁ ବଞ୍ଚିତ ହେଉଛନ୍ତି । 'ମା, ମାଟି, ମନୁଷ'ର ନାରା ଦେଉଥିବା ସରକାରଙ୍କ ଶାସନରେ ମହିଳାମାନେ ଆଜି ସବୁଠାରୁ ଅସୁରକ୍ଷିତ । ଚାଷୀମାନେ ନିଜର ହକ୍ ପାଉନାହାନ୍ତି ଏବଂ ସେମାନଙ୍କ ସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି ।

ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ମମତା ବାନାର୍ଜୀଙ୍କ ସରକାର କେବଳ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ବାହାର ଦେଶର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଉଛନ୍ତି, ଯାହା ସ୍ଥାନୀୟ ଲୋକଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶ୍ରୀ ଦିଲ୍ଲୀପ ଘୋଷଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ଜୟଯୁକ୍ତ କରନ୍ତୁ, ଯାହାଦ୍ୱାରା ବଙ୍ଗଳାରେ ପରିବର୍ତ୍ତନର ଲହର ଆସିପାରିବ। ପଶ୍ଚିମବଙ୍ଗର ଜନସାଧାରଣ ଏହି ଅନ୍ୟାୟ ଓ ଭୟର ଶାସନକୁ ସମାପ୍ତ କରିବା ପାଇଁ ମନସ୍ଥ କରିସାରିଛନ୍ତି । ଚଳିତ ନିର୍ବାଚନରେ ଜନତା ଭୋଟ୍ ମାଧ୍ୟମରେ ଏହାର ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।



କଟକ ଗଡିରାଉତ ପାଟଣା ସ୍ଥିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ । ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ । ଏବେ ଧୀରେ ଧୀରେ ବେସନ ଦିଅନ୍ତୁ । ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ । ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାନିସିଙ୍ଗ କରନ୍ତୁ।



**ଖବର**

## ରାକା ଫିଲ୍ମ ନିର୍ମାତା ଆଟଲି ଏବଂ ପତ୍ନୀପ୍ରିୟାଙ୍କ କୋଳରେ ଜନ୍ମ ହେଲା କନ୍ୟା ସନ୍ତାନ



ଫିଲ୍ମ ନିର୍ମାତା ଆଟଲିଙ୍କ ଘରକୁ ଆଉ ଏକ ଖୁସି ଖବର ଆସିଛି । ଆଟଲି ଏବଂ ତାଙ୍କ ସ୍ତ୍ରୀ ପ୍ରିୟା ଆଟଲି ଘରକୁ କୁନି ଅତିଥିଙ୍କୁ ସ୍ୱାଗତ କରିଛନ୍ତି । ଆଜି କନ୍ୟା ସନ୍ତାନଙ୍କୁ ସ୍ୱାଗତ କରିଛନ୍ତି ବୋଲି ଦମ୍ପତ୍ତି ସେମାନଙ୍କ ଇନଷ୍ଟାଗ୍ରାମରେ ସେୟାର କରିଛନ୍ତି । ୨୦୨୩ ମସିହା ଜାନୁଆରୀ ମାସରେ ଦମ୍ପତ୍ତି ପ୍ରଥମେ ପୁଅ ମିରଙ୍କୁ ସ୍ୱାଗତ କରିଥିଲେ।

ଏହି ଖୁସି ଖବର ସେୟାର କରିବା ସହିତ କ୍ୟାପସନରେ ଲେଖିଛନ୍ତି ଯେ, ''ମିରର ଛୋଟ ଭଉଣୀ ଆସି ଯାଇଛି । ଆମ ପରିବାରରେ ଜଣେ ନୂତନ ସଦସ୍ୟଙ୍କ ସହିତ ଆମ ଘର ଆହୁରି ଖୁସି ହେବାକୁ ଯାଉଛି ।''ଏହି ସେୟାର ହୋଇଥିବା ଫଟୋରେ ଭାଇ ମିର ସ୍କେଚ୍ କରୁଥିବାର ଦେଖିବାକୁ ମିଳିଛି । ଏଥିସହିତ ମିର ଖେଳନା କାରରେ ବସି ହସୁଥିବାର ମଧ୍ୟ ନଜର ଆସିଛନ୍ତି । ବଡ଼ ଭାଇ ଭାବେ ଖୁସି ମନାଉଥିବାର ଝଲକ ଏଥିରେ ଦେଖିବାକୁ ମିଳିଛି । ପ୍ରିୟା ମେହେନ୍ଦି-ସବୁଜ ପୋଷାକ ପିନ୍ଧି, ତାଙ୍କ ବେବି ବମ୍ପକୁ କୋଳରେ ଧରି ଆଟଲି ସହିତ ହସୁଥିବାର ମଧ୍ୟ ଦେଖିବାକୁ ମିଳିଛି। ଆଟଲି ତାଙ୍କ କ୍ୟାପସନରେ ସେୟାର କରିଛନ୍ତି ଯେ, '' ସେ ବାପା ହେବାର ଖୁସି ଅନୁଭବ କରିଛନ୍ତି । ଏହି ଖୁସି ଖବର ସେୟାର ହେବା ପରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦମ୍ପତ୍ତିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ଯ ମା' ଏବଂ ପିଲାର ମଙ୍ଗଳ ପାଇଁ ପ୍ରାର୍ଥନା କରିଛନ୍ତି ଅନ୍ୟାନ୍ୟ ସେଲିବ୍ରିଟି ।ଯଦି ଉଭୟ ଦମ୍ପତ୍ତିଙ୍କ ସମ୍ପର୍କରେ କୁହାଯାଏ ତେବେ ସେମାନେ ଅନେକ ବର୍ଷ ଧରି ପରସ୍ପରକୁ ଡେଟ୍ କରିବା ପରେ ୨୦୧୪ ମସିହାରେ ବିବାହ କରିଥିଲେ । ବିବାହର ଆଠ ବର୍ଷ ପରେ ଡିସେମ୍ବର ୨୦୨୨ରେ ପ୍ରିୟାଙ୍କ ପ୍ରଥମ ପ୍ରେଗ୍ନେନ୍ସି ବିଷୟରେ ଘୋଷଣା କରିଥିଲେ। ସେମାନେ ଜାନୁଆରୀ ୩୧, ୨୦୨୩ରେ ସେମାନଙ୍କ ପୁଅ ମିରଙ୍କୁ ସ୍ୱାଗତ କରିଥିଲେ।

## ଡାଏଟ୍‌ରେ ସାମିଲ କରନ୍ତୁ ଡାଲି



ମୁଗ ଡାଲି ଖାଇବାକୁ ସ୍ୱାଦିଷ୍ଟ ଲାଗିଥାଏ । ପ୍ରାୟ ସମସ୍ତଙ୍କ ଘରେ ମୁଗ ଡାଲି ହୋଇଥାଏ । ଏଥିରୁ ବିଭିନ୍ନ ପ୍ରକାର ବ୍ୟନ ପ୍ରସ୍ତୁତ ହୋଇଥାଏ । ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ । ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ମଧ୍ୟ ରହିଛି । ଏହି ଡାଲି ପେଟ ପାଇଁ ଭଲ । ଏହା ତ୍ୱଚାକୁ ମଧ୍ୟ ସୁସ୍ଥ ରଖେ । ଏହା ବ୍ୟତୀତ ଆହୁରି ଅନେକ ଉପକାର କରିଥାଏ । ତା'ହେଲେ ଆସନ୍ତୁ ଜାଣିବା ପ୍ରତ୍ୟେକ ଦିନ ମୁଗ ଡାଲି ଖାଇଲେ, ଶରୀରକୁ ଅନ୍ୟ କେଉଁ ସବୁ ଲାଭ ମିଳିଥାଏ ।

୧- ମୁଗ ଡାଲି ଶରୀର ମେଟାବୋଲିଜିମକୁ ଠିକ୍ ରଖେ ।

୨- ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜବୁତ୍ ରଖିଥାଏ ।

୩- ଯଦି ଆପଣ ନିଜ ଡାଏଟରେ ମୁଗ ଡାଲିକୁ ସାମିଲ କରିବେ,ତା'ହେଲେ ଓଜନ କମ୍ କରିପାରିବେ ।

୪- ମୁଗ ଡାଲିରେ ପୋଟାସିୟମ୍, ମ୍ୟାଗ୍ନେସିୟମ୍ ଓ ଫାଇବର ଭରରପୂର ମାତ୍ରାରେ ଥିବାରୁ ବ୍ଲଡ ପ୍ରେସର ନିୟନ୍ତ୍ରିତ ହୋଇଥାଏ ।

୫- ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ ।

## ପିଜୁଳି ପତ୍ର ଦ୍ୱାରା କେଶ ଚର୍ଯ୍ୟା

ଫଳମୂଳ ପ୍ରତିଦିନ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆମ ଦେଶରେ ପିଜୁଳି ଫଳର ଆଦର ଅଧିକ ଥିବାବେଳେ ଏହାର ପତ୍ରରେ ମଧ୍ୟ ଔଷଧୀୟ ଗୁଣ ଭରପୂର। କେଶ ଝଡ଼ାରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପିଜୁଳି ପତ୍ରରେ ଉପଚାର କଲେ ଲାଭ ମିଳିଥାଏ। ୧୫-୨୦ ଟି ପଜୁଳି ପତ୍ର ଆଣି ଭଲରେ ଧୋଇ ତାହାକୁ ୧ଲିଟର ପାଣିରେ ଫୁଟାଇବେ। ପରେ ଏହାକୁ ଛାଣି ଥଣ୍ଡା ହେବା ପାଇଁ ରଖିବେ। ଏହି ପିଜୁଳି ପତ୍ର ଫୁଟା ପାଣିକୁ ତୁଳାରେ ନେଇ କେଶ ମୂଳରେ ଲଗାଇବେ। ୨୦ ମିନିଟ୍ ପରେ ଶ୍ୟାମ୍ପୁ କରିବେ। କେଶ ଝଡ଼ା, ରୁପି ଇତ୍ୟାଦି ସମସ୍ୟାରୁ ଏହି ପାଣି ରକ୍ଷା କରେ । ସପ୍ତାହରେ ୨-



୩ଥର ଏହିପରି ଉପାୟରେ କେଶର ଯତ୍ନ ନିଅନ୍ତୁ। କେଶ ସଂକ୍ରମଣ ହୋଇଥିଲେ ମଧ୍ୟ ତହା ଦୂର ହୋଇଯିବ। ଏହି ଫୁଟା ପାଣିକୁ ଫ୍ରିଜ୍‌ରେ ରଖି ବ୍ୟବହାର କରିବା ଅନୁଚିତ। ପିଜୁଳି ପତ୍ରକୁ ବାଟି ସେଥିରେ ଦହି ମିଶାଇ କେଶରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇନେବେ। କେଶ ଘନତ୍ୱ ବଢ଼ାଇବାକୁ ଚାହୁଁଥିଲେ, ଏହା ଏକ ସରଳ ଉପାୟ। ପିଜୁଳି ପତ୍ର ଫୁଟା ପାଣି, ପତ୍ର ବଟା, ମହୁ ଅଳ୍ପ ମିଶାଇ ପ୍ୟାକ୍ କରି କେଶରେ ଲଗାଇଲେ କେଶ ରୁକ୍ଷତା ଦୂର ହେବା ସହ ଝଡ଼ିବା କମ୍ ହେଉଥିବା ପ୍ରକାଶ।



## ଶନିଙ୍କ ସାଢେସାତି ପ୍ରକୋପରୁ ବଂଚିବା ପାଇଁ କରନ୍ତୁ ଏହି ଉପାୟ



ଜ୍ୟୋତିଷଶାସ୍ତ୍ରରେ କୁହାଯାଇଛି ଯେ ଗ୍ରହମାନଙ୍କ ପ୍ରଭାବ ମାନବ ଜୀବନ ଉପରେ ପଡିଥାଏ। ମାନବ ଜୀବନରେ ଶନି ଗ୍ରହଙ୍କ ପ୍ରଭାବ ଗମ୍ଭୀର ଭାବରେ ପଡିଥାଏ। ଶନିଙ୍କୁ ନ୍ୟାୟ ଦେବତା ବୋଲି କୁହାଯାଏ। ମଣିଷ ବେଳେବେଳେ ଅଜାଣତରେ ପାପ କରିଦେଇଥାଏ। ଯେଉଁଥିପାଇଁ ଶନି ସେହି ପାପର ଦଣ୍ଡ ଦେଇଥାନ୍ତି। ବେଳେବେଳେ ଲୋକେ ବୁଝିପାରନ୍ତିନି ଯେ ତାଙ୍କୁ କେଉଁ ପାପର ଦଣ୍ଡ ମିଳୁଛି ବା ସେ କେଉଁ କର୍ମର ଫଳ ଭୋଗୁଛନ୍ତି। ଏଥିପାଇଁ ଶନିଙ୍କ ସାଢେସାତୀର ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ଜ୍ୟୋତିଷଶାସ୍ତ୍ରରେ କିଛି ଉପାୟ ରହିଛି।

- ଶନି ସାଢେସାତୀ ଉପାୟ : ଶନି ସାଢେସାତୀଙ୍କ ଦୁଃଷ୍ପ୍ରଭାବରୁ ବଂଚିବା ପାଇଁ ପ୍ରତ୍ୟେକ ଶନିବାର ଦିନ କଳା ରଙ୍ଗର ବସ୍ତ୍ର ଉପରେ ବସି ଶନି ସ୍ତୋତ୍ର ଏବଂ ଶନି ଚାଳିଶା ପାଠ କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ଦିର ଯାଇ ଆଳତି କରନ୍ତୁ।

- ଶନିବାର ସନ୍ଧ୍ୟାରେ କଳା କୁକୁରକୁ କଳା ଚଣା ଖୁଆନ୍ତୁ। ଯଦି ସମ୍ଭବ ହୁଏ ତାହେଲେ ଗରିବଙ୍କୁ ମଧ୍ୟ କଳା ଚଣା ଦାନ କରନ୍ତୁ।

- ଏକ କଳା ରଙ୍ଗର ମାଠିଆରେ ୨ କିଲୋ କଳା ଚଣା କିମ୍ବା କଳା ବିରି ପକାଇ ସେଠି ମାଠିଆକୁ ହାତରେ ଧରି ଶନିଦେବଙ୍କୁ ପ୍ରାର୍ଥନା କରନ୍ତୁ। ଏହାପରେ ଶନିଦେବଙ୍କ ମନ୍ତ୍ର ଜପ କରନ୍ତୁ ଏବଂ ସେହି ମାଠିଆକୁ କୌଣସି ଗରିବଙ୍କୁ ଦାନ କରିଦିଅନ୍ତୁ।

- ନିଜ ବାମ ଗୋଡରେ କଳା ସୁତା ବାନ୍ଧନ୍ତୁ। ପ୍ରତ୍ୟେକ ଶନିବାର ଦିନ କଳା ବସ୍ତ୍ର ଦାନ କରନ୍ତୁ। ଯଦି ସମ୍ଭବ ନ ହୁଏ ତାହେଲେ କଳା ରୁମାଲ ମଧ୍ୟ ଦାନ କରିପାରିବେ।

- ଏକ ଗିନାରେ ସୋରିଷ ତେଲ ନେଇ ସେଥିରେ ନିଜ ଛବି ଦେଖନ୍ତୁ। ଏହାପରେ ଶନି ମନ୍ଦିର ଯାଇ ଏହି ତେଲର ଦୀପ ଜଳାନ୍ତୁ। ଏହି ତେଲକୁ ଆପଣ ଦାନ ମଧ୍ୟ କରିପାରିବେ।

- ପ୍ରତିଦିନ ପକ୍ଷୀମାନଙ୍କୁ ୭ ପ୍ରକାର ଶସ୍ୟ ଖାଇବାକୁ ଦିଅନ୍ତୁ। ଯଦି ସମ୍ଭବ ହୁଏ ତାହେଲେ କୁଷ୍ଠ ରୋଗୀଙ୍କ ସେବା କରନ୍ତୁ। କୁଷ୍ଠ ରୋଗୀଙ୍କ ସେବା କଲେ ଖୁବ ଶୀଘ୍ର ଶନିଙ୍କ ସାଢେସାତୀ ପ୍ରକୋପରୁ ରକ୍ଷା ମିଳିଥାଏ ବୋଲି କୁହାଯାଏ।

## ଚା’ପତିରୁ ତିଆରି କରନ୍ତୁ ସ୍କ୍ରବ୍

ମହାମାରୀ କାରଣରୁ ଯୁବତୀ ଓ ମହିଳାମାନେ ପାର୍ଲର ଯିବାକୁ ବର୍ତ୍ତମାନ ସୁରକ୍ଷିତ ମଣୁନାହାନ୍ତି। ଘରୋଇ ଉପଚର କରିବା ହିଁ ସବୁଠୁ ଉତ୍ତମ ଉପାୟ। କେମିକାଲ୍ ଭରପୂର ବଜାରରୁ ସ୍କ୍ରବ୍ କିଣିବା ପରିବର୍ତ୍ତେ ଘରେ ଅଳ୍ପ ସମୟରେ ସ୍କ୍ରବ୍ ତିଆରି କରିପାରିବେ। ଏହାକୁ ନିୟମିତ ଉପଯୋଗ କଲେ ମଧ୍ୟ ତ୍ୱଚା



ଉପରେ କୁପ୍ରଭାବ ପଡ଼େନାହିଁ। ଆବଶ୍ୟକ ସାମଗ୍ରୀମାନ ହେଲା ୨କପ୍ ଚିନି, ୪ ଚାମଚ ଚା’ ଗୁଣ୍ଡ, ୧ଚାମଚ ନଡ଼ିଆ ତେଲ ଓ ଏୟାର୍-ଟାଇଟ୍ ଡବା। ପ୍ରଥମେ ଏକ ବଡ଼ ପାତ୍ର ନେଇ ସେଥିରେ ଚିନି ଓ ଚା’କୁ ଭଲରେ ମିଶାଇ ଦିଅନ୍ତୁ। ଏବେ ଭଲରେ ଗ୍ରାଇଣ୍ଡିଂ କରି ପାତ୍ରକୁ କାଢ଼ିନେବେ। ଅନ୍ୟ ଏକ ପାତ୍ରରେ ତେଲ ନେଇ ନଖଉଷୁମ କରି ରଖନ୍ତୁ। ଏବେ ସମସ୍ତ ସାମଗ୍ରୀକୁ ଭଲରେ ଗୋଟିଏ ପାତ୍ରରେ ମିଶାଇ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଚାମଚରେ ମିଶାଇବେ। ଏବେ ସେହି ମିଶ୍ରଣକୁ ଏୟାର-ଟାଇଟ୍ ଡବାରେ ଭର୍ତ୍ତି କରି ୧ ସପ୍ତାହ ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ। ସ୍ନାନ ପୂର୍ବରୁ ତ୍ୱଚା, ହାତ, ଗୋଡ଼ରେ ଲଗାଇ ମାଲିସ୍ କରି ପରେ ଉଷୁମ ପାଣିରେ ଧୋଇନେବେ। ଏହି ସ୍କ୍ରବ୍ ତ୍ୱଚାକୁ କୌଣସି କ୍ଷତି ପହଞ୍ଚାଇନଥାଏ ବରଂ ତ୍ୱଚାରେ ଏକ ଚମକ ଆସିଥାଏ।

ନଗରନକ୍ସା ମହାନଗରର ନିଜ ଭାଷା



# ବିନ୍ଦୁସାଗର ପୁଷ୍କରିଣୀରୁ ହେବ ପଙ୍କୋଦ୍ଧାର

**ଭୁବନେଶ୍ୱର,୨୦।୪ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ୪୦ ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ଶ୍ରୀମତୀ ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଂଜନ ବେହେରା, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଜୋନାଲ କମିଶନର ଅଶନୀ ଏ.ଏଲ୍. ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର, ସଂଯୁକ୍ତ ବିଭାଗର ଅଧିକାରୀ, ବିଏମ୍ ସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକ ଆରମ୍ଭରୁ କମିଶନର ଶ୍ରୀ ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣରେ ୨୦୨୬-୨୦୨୭ ଆର୍ଥିକ ବର୍ଷ ନିମନ୍ତେ ଇଂଜିନିୟରିଂ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି । ବିଏମ୍ ସି ଅଂଚଳରେ ଥିବା ବିଭିନ୍ନ




ପ୍ରମୁଖ ଡ୍ରେନଗୁଡିକର କାମ ପାଇଁ ରାଜ୍ୟ ସରକାର ୫୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । ଖାସ୍ କରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଡ୍ରେନେଜ୍ ବ୍ୟବସ୍ଥା କରିବା ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ ଗୃହକୁ ଅବଗତ କରାଇଛନ୍ତି । ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଏହାକୁ ଆହୁରି ତ୍ୱରାନ୍ୱିତ କରାଯିବ । ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦୁଇଟି ଘରୋଇ ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ସେମାନେ ବର୍ଜ୍ୟରୁ ବାୟୋ ଗ୍ୟାସ୍ ଉତ୍ପାଦନ କରିବେ । ଏହି କାର୍ଯ୍ୟ ମଧ ଆରମ୍ଭ ହୋଇଯାଇଥିବା ସେ ପ୍ରକାଶ କରିଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ଟାକ୍ସ ଆଦାୟ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି, ୧୧୭ କୋଟି ଟଙ୍କାରେ ପହଞ୍ଚିଛି ବୋଲି ଶ୍ରୀ ରାଣା ଗୃହକୁ ଅବଗତ କରାଇଥିଲେ ।

ପରେ ପୂର୍ବ ବୈଠକରେ ଆଲୋଚନା ହୋଇଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ପଦକ୍ଷେପ ସଂପର୍କରେ ଗୃହକୁ ଅବଗତ କରାଯିବା ସହ ପ୍ରଶ୍ନୋତ୍ତର କାର୍ଯ୍ୟ ଚାଲିଥିଲା । ଶେଷରେ କର୍ପୋରେଟର, ବିଏମ୍ ସିର ବିଭିନ୍ନ ଉପବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ଅବସରରେ ମେୟର ମହାପ୍ରଭୁ ଲିଙ୍ଗରାଜଙ୍କ ଚାପ ପୁଷ୍କରିଣୀ ବିନ୍ଦୁ ସାଗରର ପଙ୍କୋଦ୍ଧାର କାର୍ଯ୍ୟ କରିବା ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ । ସମସ୍ତ କର୍ପୋରେଟର ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ତେବେ ଅକ୍ଷୟତୃତୀୟଠାରୁ ମହାପ୍ରଭୁଙ୍କର ଚାପ ରହିଥିବାରୁ ତା' ପରେ ପୁରା ପୁଷ୍କରିଣୀରୁ ଜଳ ନିଷ୍କାସନ କରାଯିବା ସହ ସେଥିରୁ ପଙ୍କୋଦ୍ଧାର କରାଯିବ ବୋଲି ନିଷ୍ପତ୍ତି ହୋଇଛି । କେବଳ ସେତିକି ନୁହେଁ, ସହରରେ ଥିବା ବିଭିନ୍ନ ଜଳାଶୟର ମଧ୍ୟ ପୁନଃଉଦ୍ଧାର କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବିଭିନ୍ନ ୱାର୍ଡରେ ଥିବା କମ୍ୟୁନିଟ୍ ସେଣ୍ଟରଗୁଡିକ ବରିଷ୍ଠ ନାଗରିକଙ୍କ ପାଇଁ ଖୋଲା ରହିବ । ତେବେ ଯେଉଁଦିନ ବୁକିଂ ନଥିବ, ସେହିଦିନ ସଂପୃକ୍ତ ୱାର୍ଡର ବରିଷ୍ଠ ନାଗରିକମାନେ ତାହାକୁ ବ୍ୟବହାର କରିପାରିବେ ବୋଲି ମେୟର ଏକ ପ୍ରସ୍ତାବ ଆଗତ କରିଥିଲେ।

ଏଣିକି ଟିଟିଏସରୁ ଆରଡିଏଫ୍ ଉଠାଇବ ଡାଲମିଆ ସିମେଣ୍ଟ କାରଖାନା । ଟେଣ୍ଡରରେ ଡାଲମିଆ ସବୁଠାରୁ କମ୍ ଦର ଧାର୍ଯ୍ୟ କରିଥିବାରୁ ତାହାକୁ ଚୟନ କରାଯାଇଛି ।

# ପିଏମଏୱାଇ - ୟୁର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର,୨୦।୪ (ମହାଭାରତ):** ଭାରତ ସରକାରଙ୍କ ଗୃହ ନିର୍ମାଣ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ କୁଳଦୀପ ନାରାୟଣ ଶନିବାର ଭୁବନେଶ୍ୱର ଗସ୍ତ କରି ଓଡ଼ିଶାରେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ସହରାଂଚଳ' (ପିଏମଏୱାଇ - ୟୁ) ଏବଂପିଏମଏୱାଇ - ୟୁ ୨.୦ ର କାର୍ଯ୍ୟକାରିତା ସମୀକ୍ଷା କରିଛନ୍ତି।

ଏହି ଗସ୍ତ ସମୟରେ ଶ୍ରୀ ନାରାୟଣ ସହରର ତିନୋଟି ପ୍ରମୁଖ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ।ପ୍ରଥମେ ସେ ଚନ୍ଦ୍ରଶେଖରପୁରସ୍ଥିତ 'ଆଫୋର୍ଡେବଲ୍ ହାଉସିଂ ଇନ୍ ପାର୍ଟନରସିପ୍' ପ୍ରକଳ୍ପ ପରିଦର୍ଶନ କରିଥିଲେ। ସହରାଂଚଳର ହିତାଧିକାରୀଙ୍କୁ ଶସ୍ତା ଓ ଗୁଣାତ୍ମକ ବାସଗୃହ ଯୋଗାଇବା ପାଇଁ ଚାଲିଥିବା ନିର୍ମାଣ କାର୍ଯ୍ୟର ସେ ସମୀକ୍ଷା କରିଥିଲେ।ଏହାପରେ ସେ ଶୈଳଶ୍ରୀ ବିହାର ନିକଟସ୍ଥ ହରେକୃଷ୍ଣ ନଗର ପରିଦର୍ଶନ କରିଥିଲେ, ଯେଉଁଠାରେ ପିଏମଏୱାଇ - ୟୁର 'ହିତାଧିକାରୀଙ୍କ ଦ୍ୱାରା ନିର୍ମାଣ' ବର୍ଗରେ ହିତାଧିକାରୀଙ୍କୁ ଗୃହ ଯୋଗାଇ ଦିଆଯାଉଛି। ସେଠାରେ ସେ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଠିକ୍ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାରେ ରାଜ୍ୟ ସରକାରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ।

ପ୍ରଗତିବିହାର ବସ୍ତି ପିଏମଏୱାଇ - ୟୁ ୨.୦ ଅଧୀନରେ ଏକ ଅନନ୍ୟ ଉଦାହରଣ ଭାବେ ଉଭା ହୋଇଛି। ଏଠାରେ ମୋଟ ୪୪ଟି ଗୃହ ମଞ୍ଜୁର ହୋଇଥିବା ବେଳେ ସେଥିମଧ୍ୟରୁ ୩୪ ଜଣ ହିତାଧିକାରୀ କିନ୍ନର ସମ୍ପ୍ରଦାୟର ଅଟନ୍ତି। ମୁଖ୍ୟ ସ୍ଥପତି ଅଶୋକ ବି. ଲାଲଙ୍କ ବୈଷୟିକ ସହାୟତା ଏବଂ ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ସହଯୋଗରେ ଏହାକୁ ଏକ ମଡେଲ ଅନ୍ତର୍ଭୁକ୍ତିକରଣ ଆବାସ କ୍ଲଷ୍ଟର ଭାବେ ବିକଶିତ କରାଯାଉଛି।

ଏହି ପାଇଲଟ୍ ପ୍ରକଳ୍ପରେ ଜଳବାୟୁ ଅନୁକୂଳ, ପରିବେଶ ସନ୍ତୁଳିତ ଏବଂ ଶକ୍ତି ସଞ୍ଚୟକାରୀ ବାସଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରୀ ନାରାୟଣ ରାଜ୍ୟର ଏହି ପ୍ରଗତିଶୀଳ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ।

କ୍ଷେତ୍ର ପରିଦର୍ଶନ ପରେ ଖାରବେଳ ଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମହାନଗର ନିଗମର ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ପିଏମଏୱାଇ - ୟୁ ଏବଂ ପିଏମଏୱାଇ - ୟୁ ୨.୦ ର ସଫଳତା, ଆହ୍ୱାନ ଏବଂ ଭବିଷ୍ୟତର ରଣନୀତି ଉପରେ ଆଲୋଚନା କରାଯାଇଥିଲା। ଶ୍ରୀ ନାରାୟଣ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତୀ ସମାପ୍ତି, ନିର୍ମାଣର ଗୁଣାତ୍ମକ ମାନ ଏବଂ ହିତାଧିକାରୀଙ୍କ ସନ୍ତୋଷ ଉପରେ ଗୁରୁତ୍ୱାରୋପ କରିଥିଲେ।

# କିଟ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲ ଫ୍ୟାଶନ୍ ଶୋ

**ଭୁବନେଶ୍ୱର,୨୦।୪ (ମହାଭାରତ):** କିଟ ଫ୍ୟାଶନ୍ ଟେକ୍ନୋଲୋଜି ସ୍କୁଲର ଫ୍ୟାଶନ୍ ଶୋ କାର୍ତ୍ତି କଳ୍ପନାର ୧୪ତମ ସଂସ୍କରଣ




ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭୁବନେଶ୍ୱର ପୂର୍ବ ଭାରତରେ ଏକ ପ୍ରମୁଖ ଫ୍ୟାଶନ୍ ହବରେ ପରିଣତ ହେବାକୁ ଯାଉଛି। ସେ କିଟ ବିଶ୍ୱବିଦ୍ୟାଳୟରେ ଫେମିନା ମିସ ଇଣ୍ଡିଆ ଭଳି ପ୍ରତିଷ୍ଠିତ ସୁନ୍ଦରୀ ହେଉଥିବାରୁ ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ। ଏହି ଫ୍ୟାଶନ୍ ଶୋ କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଦ୍ଘାଟନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର, ଦିଲ୍ଲୀର ବିଶିଷ୍ଟ ଫ୍ୟାଶନ୍ ଡିଜାଇନ ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ.ଡି., କୁଳ ସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫ୍ୟାଶନ୍ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲର ଡିନ ଡ ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଲା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଅତିଥି, ଜୁରି ସଦସ୍ୟ ଏବଂ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ପରେ ଇଭେଣ୍ଟ ବ୍ରୋସର ଉନ୍ମୋଚନ କରାଯାଇଥିଲା। ଶୋ ସେଗମେଣ୍ଟଗୁଡ଼ିକ ସ୍ନାତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଜନଶୀଳ ସଂଗ୍ରହ ପ୍ରଦର୍ଶିତ କରିଥିଲା, ଯାହା ନବସର୍ଜନା, କାରିଗରୀ ଏବଂ ସମସାମୟିକ ଡିଜାଇନ୍ ସମ୍ବେଦନଶୀଳତାକୁ ପ୍ରତିଫଳିତ କରିଥିଲା।

# ବିଶ୍ୱସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିମନ୍ତେ ଜିପାଇଗୋ ସହ ବୁଝାମଣା

**ଭୁବନେଶ୍ୱର,୨୦।୪ (ମହାଭାରତ):** ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତୀ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍ କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତୀ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଉପଲକ୍ଷେ ଲୋକସେବା ଭବନ ସଭାଗୃହ ଠାରେ ଆୟୋଜିତ ସଭାରେ ରାଜ୍ୟ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଶାସନ ସଚିବ ଡଃ ସନ୍ତୋଷ ମିଶ୍ର ଏବଂ ଜିପାଇଗୋଙ୍କ ତରଫରୁ ସଂସ୍ଥାର ଜାତୀୟ ନିର୍ଦ୍ଦେଶକ ଡଃ ଅମିତ୍ ଶାହ ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ ।




ଏହି ବୁଝାମଣା ପତ୍ରର କୌଣସି ଆର୍ଥିକ ଲେଣଦେଣ ଉପରେ ପର୍ଯ୍ୟବେସିତ ନୁହେଁ । ଏହା ସମ୍ପୂର୍ଣ୍ଣ ସେବା ଭିତିକ । ବିଶ୍ୱ ସ୍ତରୀୟ ଗୁଣାତ୍ମକ ସେବା ନିମନ୍ତେ ଜ୍ଞାନ ଓ ପ୍ରାଜ୍ଞତାର ଆଦାନ-ପ୍ରଦାନ ଉପରେ ଏହି ବୁଝାମଣା ପତ୍ର ଆଧାରିତ ।

ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ବୁଝାମଣା ପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ। ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଲେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନ-ପ୍ରଦାନ, ବିଶ୍ୱ ସ୍ତରୀୟ ସର୍ବୋତମ ପ୍ରଣାଳୀ ଗୁଡିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କର୍ଯ୍ୟାୟନ; ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବିଶ୍ୱ ସ୍ତରୀୟ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ; ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ; ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ନିଙ୍ଗ ପ୍ଲାଟଫର୍ମର ବ୍ୟବହାର, ସିମୁଲେଶନ ଆଦି ଏହି ସହଯୋଗିତାର ଅନ୍ତର୍ଭୁକ୍ତ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଏସ୍. ଅଶ୍ୱଥିଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଓ ନିର୍ଦ୍ଦେଶକମାନେ ବୁଝାମଣା ପତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପ ଶାସନ ସଚିବ ଅରୁଣା ତ୍ରିପାଠୀ ସଭା ଆୟୋଜନର ସଂଯୋଜନା କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଦେଶ ଗଠନରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

**ଭୁବନେଶ୍ୱର,୨୦।୪ (ମହାଭାରତ):** ରାଷ୍ଟ୍ରର ଭାଗ୍ୟ ନିର୍ଦ୍ଧାରଣ, ଗଠନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶୁକ୍ରବାର ଓଡ଼ିଶା ବିଧାନସଭାର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ମତ ବ୍ୟକ୍ତ କରିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଆଇନ୍ ମହାବିଦ୍ୟାଳୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍ଏନ୍ଆଇଏଲ) ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ଯୁବ ସଂସଦ 'ଲୋକ ସମ୍ବାଦ-୨୦୨୬'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପବାଚସ୍ପତି ଶ୍ରୀ ଭୋଇ କହିଛନ୍ତି ଯେ ଯେଉଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ସେ ଦେଶ ଅଧିକ ପ୍ରଗତିଶୀଳ। ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶା ସମେତ




ବିଭିନ୍ନ ରାଜ୍ୟରୁ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୪ଟି ପର୍ଯ୍ୟାୟରେ ଆଲୋଚନାଚକ୍ରର କାର୍ଯ୍ୟକ୍ରମ ରହିଥିବା ବେଳେ ଏହାର ପ୍ରସଙ୍ଗ ରହିଛି 'ୱିଇ ଦ ୟୁଥ, ୱିଇ ଦ ରିପବ୍ଲିକ୍'। ଏହି କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ରାଜନୈତିକ ପୃଷ୍ଠ ଭୂମିରେ ଲୋକସଭା ଓ ଓଡ଼ିଶା ବିଧାନସଭା ସମ୍ପର୍କରେ ଆଲୋଚନା ତଥା ବିଶ୍ୱର ରାଜନୈତିକ କ୍ଷେତ୍ରରେ ଆମେରିକା, ମିଡିଲ ଇଷ୍ଟ, ଚୀନ୍ ଓ ଋଷିଆକୁ ନେଇ ବିବାଦ ମଧ୍ୟରେ ଭାରତର ଭୂମିକା, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, ୨୦୨୫ ଏବଂ ଧାର୍ମିକ ଅନୁଷ୍ଠାନ ଗୁଡ଼ିକର ପରିଚାଳନା ଓ ସୁରକ୍ଷା ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିବେ। କାର୍ଯ୍ୟକ୍ରମରେ ଶ୍ରୀ ଭୋଇ ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥାର ସମ୍ପର୍କରେ ଉଲ୍ଲେଖ କରି ଆଇନ୍ ଛାତ୍ରଛାତ୍ରୀମାନଙ୍କୁ କହିଥିଲେ ଯେ ସେମାନେ ରାଜନୈତିକ ବ୍ୟବସ୍ଥା ସମ୍ପର୍କରେ ରୁଚି ରଖିବା ଉଚିତ୍ ଏବଂ କିଭଳି ଭାବରେ ସାଂସଦ ଓ ବିଧାୟକମାନେ ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓ ଦେଶର ହିତ ପାଇଁ ସଂସଦ ଓ ବିଧାନସଭାରେ ସ୍ୱର ଉତୋଳନ କରୁଛନ୍ତି ସେ ସମ୍ପର୍କରେ ତଥ୍ୟ ରଖିବା ଉଚିତ୍। ଏହି ଯୁବ ସଂସଦ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିପାରିବେ ବୋଲି ଉପବାଚସ୍ପତି କହିଥିଲେ। ସେ ଆହୁରି ମଧ ବିଧାନସଭାର ପ୍ରକ୍ରିୟା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ।

# ବିଜୁବାବୁ ଓ ଗଣକବିଙ୍କଶ୍ରାଦ୍ଧ ଦିବସ ପାଳିତ

**ଭୁବନେଶ୍ୱର,୨୦।୪ (ମହାଭାରତ):** ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ, ଜନନାୟକ ଓ ରାଷ୍ଟ୍ରନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଗଣକବି ବୈଷ୍ଣବ ପାଣିଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ର ଦ୍ୱୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ରାଜ୍ୟଉପ-ସଭାପତି ଡ. ସୁରେନ୍ଦ୍ରମୋହନ ମିଶ୍ର ବିଜୁବାବୁଙ୍କ ସାହାସ ତଥା ଗଣକବିଙ୍କ ସମାଜ ସଂସ୍କାର କଥା ବର୍ଣ୍ଣନାକରିଥିଲେ । ମାଲ୍ୟାର୍ପଣ ସଭାରେ ବିକେ ଆର୍ଟ କଲେଜର ଅଧକ୍ଷ ଡ. ସେଠୀ, ସଙ୍ଗୀତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ




ଚନ୍ଦନ କୁମାରଜେନା ଓ ନିମାକାନ୍ତ ରାଉତଙ୍କ ସହିତ ସମ୍ମିଳନୀର ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ବାସନ୍ତୀ ତ୍ରିପାଠୀ,ରାମଚନ୍ଦ୍ର ସାମଲ, ଅନୁପମା ବେହେରା ଓ ଶିବାନୀ ବେହେରା ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

# ସାଧ୍ୱୀ ସେଲ୍ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୬

**ଭୁବନେଶ୍ୱର,୨୦।୪ (ମହାଭାରତ):** ଗୋଆର ସାଧ୍ୱୀ ସେଲ୍ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୬ ର ମୁକୁଟ୍ ଜିତିଛନ୍ତି। ଏହା ସହିତ ସେ ଆଗାମୀ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଭାରତଙ୍କୁ ପ୍ରତିନିଧିତ୍ୱ କରିବେ। ଏହି ପ୍ରତିଷ୍ଠିତ ପ୍ରତିଯୋଗିତାରେ ମହାରାଷ୍ଟ୍ରର ରଜନନ୍ଦିନୀ ପାୱାର ପ୍ରଥମ ରନର୍-ଅପ୍ ଏବଂ ଶ୍ରୀ ଅଦ୍ ?ତା ଦ୍ୱିତୀୟ ରନର୍-ଅପ୍ ହୋଇଛନ୍ତି। ଭୁବନେଶ୍ୱରର କିଟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଫେମିନା ମିସ୍ ଇଣ୍ଡିଆର ୬୧ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ଅତ୍ୟନ୍ତ ଭବ୍ୟ ଓ ସ୍ମରଣୀୟ ହୋଇଥିଲା। ଏହି ଅବସରରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିଭାଶାଳୀ ଯୁବତୀମାନେ ନିଜର ଆତ୍ମବିଶ୍ୱାସ, ବ୍ୟକ୍ତିତ୍ୱ ଓ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ବର୍ଷର ଥିମ୍



ଥିଲା, ଯାହା ଭାରତର ବିଭିନ୍ନତା ଓ ଏକତାକୁ ପ୍ରକାଶ କରିଥିଲା। ଏହି ପ୍ରତିଯୋଗିତାର ଆରମ୍ଭ ପୂର୍ବବର୍ଷ ନଭେମ୍ବରରୁ ଦେଶବ୍ୟାପୀ ଟ୍ୟାଲେଣ୍ଟ ହଣ୍ଟ ସହ ହୋଇଥିଲା। ଦେଶର ପାଞ୍ଚଟି ଅଞ୍ଚଳରୁ ପ୍ରତିଭାମାନଙ୍କୁ ଚୟନ କରାଯାଇ ଶେଷରେ ୩୦ ଜଣ ରାଜ୍ୟ ବିଜେତା ଚୟନ ହୋଇଥିଲେ। ସେମାନେ ମୁମ୍ବାଇରେ ବିଶେଷ ଟ୍ରେନିଂ କ୍ୟାମ୍ପରେ ଯୋଗଦେଇ ନିଜମାନଙ୍କୁ ଆଉ ଅଧିକ ନିଖୁତ କରିଥିଲେ। ଗ୍ରାଣ୍ଡ ଫିନାଲେ ପୂର୍ବରୁ ପ୍ରତିଯୋଗିନୀମାନେ କିଆଇଆଇଟି କ୍ୟାମ୍ପସରେ ବିଭିନ୍ନ କାର୍ଯ୍ୟକଳାପରେ ଯୋଗଦେଇଥିଲେ ଏବଂ ଓଡିଶାର ସମୃଦ୍ଧ ସଂସ୍କୃତିକୁ ଅନୁଭବ କରିଥିଲେ।

# ଆଇଆରଏସ ଅଧିକାରୀଙ୍କ ଉପରେ ଦୁର୍ବ୍ୟବହାରକୁ ନିନ୍ଦା କଲା ବିଜେଡି

**ଭୁବନେଶ୍ୱର,୨୦।୪ (ମହାଭାରତ):** ଲୋକ ଭବନ ପରିସରରେ ଜଣେ ଓଡ଼ିଆଙ୍କ ସମେତ ୨ ଜଣ ଆଇଆରଏସ ଅଧିକାରୀଙ୍କ ସହିତ ସେଠାକାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଦୁର୍ବ୍ୟବହାର ଘଟଣାକୁ ବିଜୁ ଜନତା ଦଳ ଦୃଢ଼ ନିନ୍ଦା କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି, ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ଚିନ୍ମୟ ଦାସ, ସେକ୍ରେଟାରୀ ଜେନେରାଲ ରକି ଦାସ ଘଟଣାଟିକୁ ଗୁରୁତର ସହିତ ନେଇ ଅତ୍ୟାଚାରର ଶିକାର ହୋଇଥିବା ୨ ଅଧିକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଡ଼ ଲେନିନ ମହାନ୍ତି କହିଥିଲେ, ରାଜ୍ୟପାଳଙ୍କ ଭବନ ପୂର୍ବରୁ ରାଜଭବନ ନାମରେ ପରିଚିତ ଥିଲାବେଳେ କିଛି ମାସ ତଳେ ତାର ନାମ ପରିବର୍ତ୍ତନ କରି ଲୋକ ଭବନ କରାଯାଇଛି । ଲୋକ ଭବନରେ ଲୋକଙ୍କ ପ୍ରତି ନ୍ୟାୟ ମିଳିବ ବୋଲି ଆଶା କରାଯାଉଛି । କିନ୍ତୁ ଏହି ଲୋକ ଭବନ ଭିତରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀଙ୍କ ଦ୍ୱାରା ଜଣେ ଓଡ଼ିଆଙ୍କ ସମେତ ୨ ଜଣ ଆଇଆରଏସ



ଅଧିକାରୀଙ୍କ ଉପରେ ଅତ୍ୟାଚାର ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି । ରାଜ୍ୟର ପ୍ରିନ୍ସିପାଲ ଚିଫ୍ ଇନ୍‌କମ୍ ଟ୍ୟାକ୍ସ କମିସନର ଶ୍ରୀ ଡି ସୁଧାକର ରାଓ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ, ଏପ୍ରିଲ ୧୬ ତାରିଖ ଦିନ ତାଙ୍କର ଓ ତାଙ୍କ ବିଭାଗର କିଛି ଉଚ୍ଚ ଅଧିକାରୀଙ୍କ ସହିତ ରାଜ୍ୟପାଳଙ୍କ ସହିତ ଏକ ସାକ୍ଷାତ ପାଇଁ ନିର୍ଦ୍ଧାରିତ ହୋଇଥିଲା । ସେହି ଅନୁସାରେ, ସେ ଓ ତାଙ୍କର କିଛି ଅଧିକାରୀ ଲୋକ ଭବନରେ ପହଞ୍ଚିଥିଲେ । ସେମାନେ ଗେଟ୍ ନମ୍ବର ୩ ଦେଇ ଭିତରେ ପ୍ରବେଶ କରିଥିଲେ । ଗେଟ ନମ୍ବର ୨ ନିକଟରେ ପହଁଞ୍ଚିବା ପରେ, ସେଠାରେ ଥିବା ସୁରକ୍ଷା ଅଧିକାରୀମାନେ ଶ୍ରୀ ରାଓଙ୍କ ସମେତ କେବଳ ୫ ଜଣ ଅଧିକାରୀ ରାଜ୍ୟପାଳଙ୍କୁ ଭେଟି ପାରିବେ ବୋଲି କହିବା ପରେ ସେମାନଙ୍କ ସହିତ ଥିବା ୨ ଜଣ ଆଇଆରଏସ ଅଧିକାରୀ ଯଥା ମନୀଷ କୁମାର ଓ ସତ୍ୟ ପ୍ରକାଶ ମିଶ୍ରଙ୍କୁ ଅତିଥି ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରତୀକ୍ଷାଳୟରେ ଅପେକ୍ଷା କରିବାକୁ କୁହାଯାଇଥିଲା । ଶ୍ରୀ ରାଓ ଓ ଅନ୍ୟ ଅଧିକାରୀ ମାନେ ରାଜ୍ୟପାଳଙ୍କ ନିକଟକୁ ଚାଲିଯିବା ପରେ ସୁରକ୍ଷା ଦାୟିତ୍ୱରେ ଥିବା କିଛି ପୋଲିସ ଅଧିକାରୀ ଆସି ପ୍ରତୀକ୍ଷାଳୟରେ ଅପେକ୍ଷାରତ ଥିବା ୨ ଅଧିକାରୀଙ୍କୁ ସେମାନେ ଲୋକ ଭବନ ଭିତରେ ଅନଧିକାର ପ୍ରବେଶ କରିଛନ୍ତି ଅଭିଯୋଗ କରି ସେମାନଙ୍କ ସହିତ କ୍ୟାପିଟାଲ ଥାନାକୁ ଯିବାକୁ ହେବ ବୋଲି କହିଥିଲେ । ସେହି ୨ ଅଧିକାରୀ ରାଜ୍ୟପାଳଙ୍କ ଅଫିସ୍ର ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶରେ ଆମେ ଏଠାରେ ଅପେକ୍ଷା କରିଛୁ ବୋଲି କହିବା ପରେ ମଧ ସେମାନେ କିଛି ଶୁଣି ନଥିଲେ । ସେମାନଙ୍କୁ ସେଠାର ସୁରକ୍ଷା ଦାୟିତ୍ୱରେ ଥିବା ଏଡିସି କୁଳଦୀପ ମିନାଙ୍କ ନିର୍ଦ୍ଦେଶ ରହିଛି ବୋଲି କହିଥିଲେ।

# ବିଜୁ ଅନୁଗତ ଏକାଠି

ଏବେ ବିଜୁ ଅନୁଗାମୀମାନେ ଏକାଠି ହୋଇ ବିଜେଡିର ଏକ ବିକଳ୍ପ ଗଠନ ପ୍ରୟାସ ଆରମ୍ଭ କରିଛନ୍ତି। ସେମାନଙ୍କର ଏହି ପ୍ରୟାସ ଯେ ସଫଳ ହେବ ତାହା କୁହାଯାଇପାରିବ ନାହିଁ। କିନ୍ତୁ ଏହା ବିଜେଡିର ଭୋଟ ବିଭାଜନ କରିବାକୁ ପର୍ଯ୍ୟାପ୍ତ ସେଥିରେ ସନ୍ଦେହ ନାହିଁ। ସେହିପରି କଂଗ୍ରେସର ପୂର୍ବତନ ବିଧାୟକ ମହମ୍ମଦ ମୁକିମଙ୍କ ନେତୃତ୍ୱରେ ଓଡ଼ିଶା ଜନତା କଂଗ୍ରେସ ନାମରେ ଏକ ନୂଆ ଦଳ ଗଠିତ ହୋଇଛି। ଏହା ରାଜ୍ୟରେ କଂଗ୍ରେସ ଦଳର ବିଭାଜନ ନହେଲେ ମଧ୍ୟ ଏହାର ଭୋଟ କାଟିବାକୁ ଉଦ୍ଦିଷ୍ଟ ସେଥିରେ ସନ୍ଦେହ ନାହିଁ। ନିର୍ବାଚନରେ ୧ ପ୍ରତିଶତ ଭୋଟ ମଧ୍ୟ ଅନେକ ସମୟରେ ହିସାବ ଓଲଟପାଲଟ କରିଦିଏ। ୧୯୯୫ ବିଧାନସଭା ନିର୍ବାଚନରେ ଏହା ଦେଖିବାକୁ ମିଳିଥିଲା। ଛୋଟ ଛୋଟ ଦଳର ପ୍ରାର୍ଥୀ ବା ସ୍ୱାଧୀନ ପ୍ରାର୍ଥୀ(ବିଦ୍ରୋହୀ)ମାନେ ସେହି ନିର୍ବାଚନରେ ୨ରୁ ୩ ହଜାର ଭୋଟ ପାଇ ଅନେକ ଆସନରେ ଜନତା ଦଳ ପ୍ରାର୍ଥୀଙ୍କ ପରାଜୟର କାରଣ ସାଜିଥିଲେ। ଫଳରେ ବିଜୁ ବାବୁ ସେହି ନିର୍ବାଚନରେ ଲୋକପ୍ରିୟ ସତ୍ତ୍ୱେ ପରାଜିତ ହେଲେ। ଏହା ହିଁ ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳ ଗଠନର କ୍ଷେତ୍ର ପ୍ରସ୍ତୁତ କରିଥିଲା। ୧୯୯୭ରେ ଜନତା ଦଳର ବିଭାଜନ ହୋଇ ବିଜୁ ଜନତା ଦଳ ଗଠିତ ହୋଇଥିଲା। କଂଗ୍ରେସକୁ ପରାଜିତ କରିବା ନିମନ୍ତେ ବିଜେପି ସହ ମେଣ୍ଟ କରିବା ଉଦ୍ଦେଶ୍ୟରେ ବିଜେଡି ଗଠିତ ହୋଇଥିଲା। ୨୦୦୯ ପର୍ଯ୍ୟନ୍ତ ଏହି ମେଣ୍ଟ ରହିଥିଲା। ୨୦୦୯ରେ ଏହି ମେଣ୍ଟ ଭାଙ୍ଗିଗଲା। ସେବେଠାରୁ ରାଜ୍ୟରେ ସବୁ ନିର୍ବାଚନରେ ତ୍ରିମୁଖୀ ମୁକାବିଲା ହୋଇଆସୁଛି। ବାମପନ୍ଥୀ, ଜେଏଏମ ଭଳି କିଛି ଦଳର କିଛି ନିର୍ବାଚନମଣ୍ଡଳୀରେ ପ୍ରଭାବ ରହିଛି। ସେମାନେ ପ୍ରାୟତଃ କଂଗ୍ରେସ ସହ ମେଣ୍ଟ ଗଠନ କରୁଛନ୍ତି। ବିଜେଡି ଗଠନ ପରେ ଜନତା ଳ ଅଳ୍ପ କିଛି ବର୍ଷ ତିଷ୍ଠି ରହିଥିଲା। ଧିରେ ଧିରେ ତାହା ବିଲୁପ୍ତ ହୋଇଗଲା। ବିଜେଡି ଗଠନ ରାଜ୍ୟ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏବେ ରାଜ୍ୟରେ ଏକ ନୂଆ ରାଜନୈତିକ ସମୀକରଣ ପାଇଁ ଉଦ୍ୟମ ହେଉଛି। ଅତୀତରେ ଓଡ଼ିଶାରେ ଏଭଳି ଅନେକ ଆଞ୍ଚଳିକ ଦଳ ଗଠନ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଏହା ବିଲୁପ୍ତ ହୋଇଛି। କିଛି ଦଳ ବେଶ ପ୍ରଭାବ ବିସ୍ତାର ମଧ୍ୟ କରିଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ଏସବୁ ଦଳ ହଜି ଯାଇଛନ୍ତି। କେବଳ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ପ୍ରାୟ ତିନି ଦଶନ୍ଧି ଧରି ତିଷ୍ଠି ରହିଛି। ଏବେ ମହମ୍ମଦ ମୁକିମ ଓ ବିଜୟ ମହାପାତ୍ର ଦୁଇଟି ସମାନ୍ତରାଳ ଦଳ ଗଠନ କରିବାକୁ ପ୍ରୟାସ ଚଳାଇଛନ୍ତି। ଏହା ଶାସକ ଦଳ ବିଜେପି ପାଇଁ ସୁଳବର ବ୍ୟତିତ ଅନ୍ୟ କିଛି କୁହାଯାଇନପାରେ। କାରଣ ଏହା ଦ୍ୱାରା ବିରୋଧୀ ଭୋଟ ବହୁଧା ବିଭକ୍ତ ହେବ ଯାହା ବିଜେପି ପାଇଁ ସୁବିଧାଜନକ ସାବ୍ୟସ୍ତ ହେବ। ରାଜ୍ୟରେ ବିଜେପି ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ଭୋଟ ବ୍ୟାଙ୍କ ସୃଷ୍ଟି କରିଛି। ଅନେକ ଯୁବ ଭୋଟର ବିଜେପି ପ୍ରତି ଆକୃଷ୍ଟ ହେଉଛନ୍ତି। ସେହିପରି ଅଣ କଂଗ୍ରେସ ରାଜନୀତିରେ ବିଶ୍ୱାସ ରଖୁଥିବା ବ୍ୟକ୍ତିମାନେ ମଧ୍ୟ ଏବେ ଏକମୁହାଁ ହୋଇ ବିଜେପି ଆଡ଼କୁ ଯାଉଛନ୍ତି। କାରଣ ବିଜୁ ଜନତା ଦଳ ଏବେ କଂଗ୍ରେସ ସହ ହାତ ମିଳାଇଛି ଏବଂ ଆଗାମୀ ଦିନରେ ଏହା କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ସୂଚନା ମିଳିଛି। ଯଦି ଏହା ହୁଏ ତେବେ ରାଜ୍ୟ ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ହେବ। ରାଜ୍ୟର ୬୫ ପ୍ରତିଶତ ଭୋଟର ହେଉଛନ୍ତି କଂଗ୍ରେସ ବିରୋଧୀ। ଏହାର ସିଂହଭାଗ ବିଜେପି ସପକ୍ଷରେ ଯିବ। ଏହା ହେଲେ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇପାରେ।

# ସଂକ୍ରାମକ ହେପାଟାଇଟିସ୍

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ’ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାର୍ସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ ‘ବି’ ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ୍ୟ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ୍ୟ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ ‘ବି’ ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା’ ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ ‘ବି’ ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ ‘ବି’ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ ’ବି’ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ ‘ବି’ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ୍ୟ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ ‘ବି’ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ ‘ବି’ ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ ‘ବି’ ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ ‘ବି’ ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ ‘ବି’ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ ‘ବି’ ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ ‘ବି’ ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ ‘ବି’ ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କପୋତପକ୍ଷୀ ଗୁରୁମୋର

॥ ଅଜୟ କୁମାର ବେହେରା ॥

ସାମାନ୍ୟ ଚଢ଼େଇଟିଏ ସମସ୍ତେ ଭାବନ୍ତି ମାତ୍ର ତା ଠାରୁ ତାର ଚରିତ୍ରରୁ ଜ୍ଞାନ ଶିକ୍ଷା କରିଥିଲେ ଦତ୍ତାତ୍ରେୟ ଯେ ଭାଗବତର ଅବଧୂତ କପୋତପକ୍ଷୀ ପରି ତାଙ୍କ ଆଉ ତେଇଶ ଗୁରୁ ଥିଲେ ମୋଟ ଚବିଶ ଗୁରୁରେ ଦତ୍ତାତ୍ରେୟ ତାଙ୍କର ଜୀବନର ଭିତ୍ତି ବାନ୍ଧିଥିଲେ। ମାତା ଅନୁସୂୟା, ଯାହା ଅସୂୟା ଭାବ ନାହିଁ ସେ ହିଁ ଅନସୂୟା ଆଉ ପିତା ଜଣେ ଋଷି, ଋଷି ବା ଗୁଣ ଯାହାର ଥାଏ ଅର୍ଥାତ୍ ଭୋଗ ପରମ୍ପରାରେ କେଉଁ ଭୁଲ ରହିଛି ତାକୁ ଚିହ୍ନଟ ସନାକ୍ତ କରି ତହିଁରେ ବିପ୍ଳବୀ ହେବା, ହେଲେ ତାଙ୍କ ନାମ ଅତ୍ରୀ। ତ୍ରି ତାଙ୍କର ନଥିଲା। ଅର୍ଥାତ୍ ତ୍ରିଗୁଣ ସତ୍ତ୍ୱ, ରଜ, ତମରେ ସେ ବିଶେଷ ସଂସ୍କାରିତ। ଏ ତିନିଗୁଣ କେମିତି କେଉଁ ପରିସ୍ଥିତିରେ ବ୍ୟକ୍ତି ନିୟନ୍ତ୍ରଣ ରଖିବ ଏପରି ସାଧନାରତ। ଏହାଙ୍କର ପୁତ୍ର ମଧ୍ୟରେ ଦତ୍ତାତ୍ରେୟ ଆସିଥିଲେ। ଅତ୍ରେୟ ବଂଶୋଦ୍ଭବ ନାମକରା ପୁରୁଷ, ଯେ ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଆଶୀର୍ବାଦ ସମ୍ଭୁତ ସମ୍ମିନିତ ସୃଷ୍ଟି ସ୍ଥିତି ସଂହାର ଶକ୍ତିର ମିଶ୍ରଣ ଶକ୍ତିର ଯୌଥରୂପ।

ସେ ସ୍ୱୟଂ ଗୁରୁ ହୋଇନାହାଁନ୍ତି ସେ ଗୁରୁ କରିଛନ୍ତି ଚବିଶ ଜଣଙ୍କୁ। ଚବିଶ ଜଣଙ୍କ ମୌଳିକ ଗୁଣ ଶିକ୍ଷାରେ ସେ ଶିକ୍ଷିତ ଓ ଶିକ୍ଷକ। ଏବି ମୋର ଗୁରୁଙ୍କ ଗୁରୁ ଏମିତି କି ମୋର ମାନସ ଗୁରୁ, ତାଙ୍କର ଭଜନ ସାଇ ଭଜନରେ ମୁଁ ବେଳା ବେଳେ ପାଳିଧରି ହୃଦୟକୁ ନେଇଥିଲି ଓ ଶିରିଡ଼ି ସାଇଙ୍କ ମନ୍ଦିର ଶିରିଡ଼ିରେ ତାଙ୍କର ମୂର୍ତ୍ତିକୁ ପ୍ରଥମେ ଦେଖିକରି ଓ ସତ୍ୟସାଇବାବାଙ୍କ ପିତାମାତାଙ୍କ ସମାଧି ମନ୍ଦିର ପରିସରରେ ନୃସିଂହନାଥ ମନ୍ଦିର ବେଢ଼ାରେ ଦତ୍ତାତ୍ରେୟଙ୍କ ମନ୍ଦିରରେ ଦିଁଙ୍କ ପ୍ରତିମୂର୍ତ୍ତି ଅନେକଥର ଦର୍ଶନ କରିଛି। ପରେ ମାୟାପୁରୀ, ହରିଦ୍ୱାରରେ ଗୋରଖନାଥଙ୍କ ଦର୍ଶନ ପରେ ସେଠାରେ ଥିବା ଅଧକ୍ଷଙ୍କ ପାଖରୁ ମୁଁ ଗୁରୁଜ୍ଞାନ ପାଇଲି ଓ ସେଠାରେ ଦତ୍ତାତ୍ରେୟଙ୍କ ପ୍ରତ୍ୟକ୍ଷ ପୂଜାର ଅବସର ମିଳିଥିଲା। ଢ଼େଙ୍କାନାଳ କପିଳାସ ପାହାଡ଼ ପାଦ ଦେଶରେ ଅଛି ତାରଣ କ୍ଷେତ୍ର ଯାହା ମହାରାଷ୍ଟ୍ରର ପ୍ରଖ୍ୟାତ ଜ୍ୟୋର୍ତିଲିଙ୍ଗ ଭୀମାଶଙ୍କରଙ୍କ ପର୍ବତ ତଳ ଆଶ୍ରମ ଅଧକ୍ଷ ଶ୍ରୀଗଣେଶ୍ୱର ମହାରାଜଙ୍କ ଦ୍ୱାରା ପ୍ରେରଣାରେ ଆମ ଓଡ଼ିଶାର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ୰ଦ୍ୱାରିକାମୋହନ ମିଶ୍ରଙ୍କ ପ୍ରବଳ ଚେଷ୍ଟାରେ ଦତ୍ତାତ୍ରେୟ ସାଇଆଶ୍ରମ ହୋଇଛି। ଶିରିଡ଼ି ବାବାଙ୍କ ଏହା ଏକ ବିଶେଷ କ୍ଷେତ୍ର ହେଲେ ବି ଦତ୍ତାତ୍ରେୟଙ୍କ ପ୍ରତିମା ଜୀବନ୍ତ ପରି ଏଠାରେ ପ୍ରପୂଜିତ ମୁଁ ତାଙ୍କ କରୁଣାରେ ଏଠାକୁ ବହୁଥର ଦର୍ଶନକୁ ଯାଇଛି।

ଗୁରୁ ଗୋରଖପନ୍ଥୀମାନେ ଦତ୍ତାତ୍ରେୟଙ୍କୁ ଏକ ଗୁରୁ ରୂପେ ମାନ୍ୟତା ଦିଅନ୍ତି। ଖୋଦ ସାଇବାବାଙ୍କ କହିଛନ୍ତି ଯେ ସେ ଦତ୍ତାତ୍ରେୟଙ୍କ ଏକ ଅବତାର। ଶୈବ ବୈଷ୍ଣବ ବ୍ରହ୍ମ ତିନିର ସମାହାର ପଥରେ ସେ ଧର୍ମମତ। ଏଇ ଦତ୍ତାତ୍ରେୟଙ୍କ ଉପାସନାରେ ମୋର ମାନସ ବାରମ୍ବାର ପଥ ଭୁଲିଲେ ବି ମୋର ଆସିଯାଉଛି। ତାଙ୍କପରି ମୋର ଅନେକ ଗୁରୁ ଶୈବ ଶାକ୍ତ ବୈଷ୍ଣବ ସୌର ଗାଣପତ୍ୟ ସମ୍ପ୍ରଦାୟରେ ଗୁରୁ ଅଛନ୍ତି। ଶାକ୍ତରେ ଦୁର୍ଗା, କାଳୀ ଦଶମହାବିଦ୍ୟା ମନ୍ତ୍ର ତନ୍ତ୍ରଶାସ୍ତ୍ରରେ ମୋର ପ୍ରବଳ ଅଭିରଚି ଶ୍ରୀ ଶ୍ରୀ ଚଣ୍ଡୀ ଚଣ୍ଡୀ ପୁରାଣ ଦେବୀ ଭଗବତ ମୁଁ ଆଦରର ଗ୍ରନ୍ଥ ରୂପେ ସାଇତି ପଢ଼ିଛି। ଅନେକଙ୍କର ରୋଗ ବ୍ୟାଧି ଆଦିରେ ଚଣ୍ଡୀମନ୍ତ୍ର ପ୍ରୟୋଗ କରି ସିଦ୍ଧି ଫଳ ପାଇଛି। ମୋର ଜଣେ ୰ପ୍ରଣବାନନ୍ଦ ତ୍ରିପାଠୀ ଏମତି ଜଣେ ଶାକ୍ତ ଯେ ଅପୂର୍ବ ଜ୍ଞାନର ଭଣ୍ଡାର ସେ ମୋତେ ନିୟତି ପତ୍ରିକାର ଏକ କର୍ମଚାରୀ ଯୋଗୁ ଶ୍ରଦ୍ଧା କରି ତାଙ୍କର ଏକ ମନ୍ତ୍ରିତ ପୁସ୍ତକ ବିଶ୍ୱର ରଙ୍ଗମଞ୍ଚ ମୋତେ ପ୍ରଦାନ କରିବା ସହିତ ତାଙ୍କର ରଚିତ ଚଣ୍ଡୀର ସେପଲେସସି ଓ ଓଡ଼ିଆରେ ନବାକ୍ଷରୀ ଚଣ୍ଡୀର ସଂକ୍ଷିପ୍ତ ପୁସ୍ତକ ମୋତେ ଶ୍ରଦ୍ଧା ଭକ୍ତିରେ ପାଠ ପାଇଁ ପ୍ରଦାନ କରିଥିଲେ।

ମୁଁ ବୈଷ୍ଣବଧର୍ମରେ ଅନେକ ମଠ ସହିତ ଜଡ଼ିତ ବୃନ୍ଦାବନ ବିନା ପଇସାରେ ମୋର ଏକ ସଂକଳ୍ପ ଯାତ୍ରା କେମିତି ସଫଳ ଏକଥା ଲମ୍ବା କାହାଣୀ। ଶ୍ରୀକୃଷ୍ଣ ଲୀଳା ମୋ ଜୀବନରେ ଘଟିଛି। ରାଧାରାଣୀ ପଇସା ନଥିଲେ ବି କେମିତି ବୃନ୍ଦାବନରେ ପେଯ ଭରି ଅମୃତ ତୁଲ୍ୟ ଭୋଜନ ଦିଅନ୍ତି। ବାଟଖର୍ଚ୍ଚ ଦେଇ ନିଅନ୍ତି, ରଖନ୍ତି, ପୁଣି ବିଦାୟ ଦିଅନ୍ତି ଏହା ମୋର ଅଙ୍ଗେଲିଭାଇବା କଥା। ତିରୁପତିରେ ଏମିତି ଏକ ଆଚମ୍ବିତ ଦର୍ଶନକୁ ହାତରେ ପଇସା ନଥାଇ ଯାଇଛି। ବହୁ ବହୁ ଭିତ ଭିତରେ ପଇସା ଦେଇ ସାଙ୍ଗମାନଙ୍କ ସହିତ ଯାଇନପାରିବି ଠାକୁରଙ୍କ ବିଜୟ ପ୍ରତିମା ମୋରି ପ୍ରତୀକ୍ଷା କଡ଼ରେ ପଟୁଆରରେ ବାହାରି ମୋରି ପାଖରେ ଠିଆ ହୋଇ କିଛି ସମୟ ବିମାନରେ ରହିଲେ ମୁଁ ତାଙ୍କୁ ଦର୍ଶନ କରି ଆତ୍ମତୃପ୍ତି ଆତ୍ମବିସ୍ମୃତି ହୋଇଛି। ଏତେଭିଡ଼ରେ ବି ରହିବା ସ୍ଥାନ ଭଗବାନ ଦୁଇ ଦିନ ରହିବା ପାଇଁ ବାସଘର ଦେଇଛନ୍ତି। ଦୁଇଦିନ ମାଗଣା ମନ୍ଦିରର ତରଫରୁ ଦିଆଯିବା ଅମୃତତୁଲ୍ୟ ଦଧିଅନ୍ନ ପେଟପୁରା ଖାଇଛି। ସର୍ବହରାଟିଏ ରେଲରେ କେତେ ଅନୁଭବ କଲେ କେହି ଅଯାଚିତ ଭାବରେ ଅନ୍ନ ଚାପ ଦେଇ ଖୋଇଛନ୍ତି। ଅନ୍ନ ପୁଣି ଏମିତି ସେମିତି ନୁହଁ ସମ୍ପୂର୍ଣ୍ଣ ବୈଷ୍ଣବନ୍ନ। କଟକ ପୁରୀର ବହୁ ଆଶ୍ରମରେ କିଛି ଦିନ ସତସଙ୍ଗ ଭଜନ କରିଛି। ଏବେ ବି ବାୟାଙ୍କ ଆଶ୍ରମ, ରାଧାରମଣ ଦେବଙ୍କ ଆଶ୍ରମ ଯାହା ବିଖ୍ୟାତ, ଖାନନଗରର ଆଶ୍ରମ ଆଦିରୁ ପ୍ରସାଦ ମହାରାଜମାନେ ଭଲ ପର୍ବ ଦିନ ଦେଖି ପଠାନ୍ତି। ଶ୍ରୀବୈକୁଣ୍ଠନାଥ ବ୍ରହ୍ମଚାରୀ ମୋର ଜଣେ ପରମ ଗୁରୁ ସେ ତାଙ୍କ ଆଶ୍ରମକୁ କିଛି ମାୟାରେ କେବେ କେବେ ପଥ ଦେଖାଇ ଭିଡ଼ି ନିଅନ୍ତି ସେଠାରେ ଗୋପାଳ ଦଧିଅନ୍ନ ଭିନ୍ନ ପ୍ରସାଦମାନ ପାଇଛି। କଟକ ଯୋବ୍ରାରେ ଥିବା ନିଗମାନନ୍ଦ ଆଶ୍ରମରେ କେବେ ଗୁରୁ ଦର୍ଶନକୁ ଗଲେ ଆଶ୍ରମର ପୂଜକ ପୁରୋହିତମାନେ ଅନ୍ନାଦି ନଖୋଇ ଛାଡ଼ନ୍ତି ନାହିଁ। ଅନେକ ନାମ କୀର୍ତ୍ତନ, ରାମାୟଣ ପରାୟଣ, ହନୁମାନ ଚାଳିଶାରେ ଶ୍ରୋତା ପାଇଁ ନିମନ୍ତ୍ରଣ ପାଇ ଗଲେ ଅନ୍ନନଖାଇ ଫେରେନାହିଁ। ମୁଁ ସାଇବାବାଙ୍କର ଦ୍ୱାରା ଆମିଷ ଭକ୍ଷଣ ଏକ ପରିସ୍ଥିତିରେ ପଡ଼ି ଛାଡ଼ିଛି। ସାଇବାବାଙ୍କର ଭଜନ ସହସ୍ରନାମ ପୂଜାରେ ବେଳେ ଭାଗ ନେଇ ସର୍ବଦା ଦିବ୍ୟାନ୍ନରେ ସମୟ କାଟିଛି। ପର୍ବୀ ଭୋଜନ ଅନ୍ୟତ୍ର ଦୁର୍ଲଭ। ପ୍ରଭୁ ନିଳାଦ୍ରୀଶଙ୍କର ମହାପ୍ରସାଦ ପୂର୍ବରୁ ଦର୍ଶନ ଗଲେ ପାଉଥିଲି ଏବେ ଯାଇପାରୁନାହିଁ ହେଲେ ମନନ ମାତ୍ରେ ଦୁଇ ତିନିରେ କେହିନା କେହି ପ୍ରସାଦ ପହୁଞ୍ଚାଇ ଦେଉଛନ୍ତି। ପ୍ରଭୁ ବଳରାମଙ୍କ ପ୍ରସାଦ ପ୍ରତି ମାସରେ ଅନେକଥର ମୋ ଏହି କୁଟୀରରେ ଆଶ୍ଚର୍ଯ୍ୟ ଭାବରେ ପହଞ୍ଚୁଛି। ମୁଁ ତାଙ୍କର ସେ ମୋର ଏକ ଭାବନରେ ଛେଦ ନାହିଁ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରମହଂସ ପ୍ରଜ୍ଞାନାନନ୍ଦ

॥ ହେମନ୍ତ କୁମାର ପରିଡ଼ା ॥

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ ‘ମା’ ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା’ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଶ୍ରୀ ଜୟଦେବ ଜୟନ୍ତୀରେ ଭଜନ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ

ବାଲିପାଟଣା,(ମହାଭାରତ) : ପବିତ୍ର ଅକ୍ଷୟ ତୃତୀୟା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅତିପ୍ରିୟ କବି ଜୟଦେବଙ୍କ ଜୟନ୍ତୀ ଅବସରରେ ଶିଶୁ ଅନନ୍ତ ମଠ ପକ୍ଷରୁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଆଜିଭୁବନେଶ୍ୱର ସ୍ଥିତ ବିନ୍ଦୁସାଗର କୂଳରେ ଥ?ିବା ଶ୍ରୀ ଅନନ୍ତ ବାସୁଦେବଙ୍କ ପ୍ରାଙ୍ଗଣ ଠାରୁ ସଂକୀର୍ତ୍ତନ ଯାତ୍ରା ପ୍ରତିବର୍ଷ ଭଳି ଚଳିତ ବର୍ଷ ଯିବାର କାର୍ଯ୍ୟକ୍ରମ ରହିଥିଲା। ଏହି ଯାତ୍ରା୨୨.୦୪.୨୦୨୬ ତାରିଖ ସନ୍ଧ୍ୟାବେଳେ ପୁରୀଠାରେ ପହଞ୍ଚିଲା ପରେ ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ ଉଦ୍?ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଷୋଡ଼ଶ ଶତାବ୍ଦୀରେ ପ୍ରତିବର୍ଷ ଶ୍ରୀ ଚୈତନ୍ୟ ଓ ପଞ୍ଚସଖା ଯେଉଁ ବାଟ ଦେଇ ଭୁବନେଶ୍ୱରଠାରୁ ପୁରୀ ପର୍ଯ୍ୟନ୍ତ ସଂକୀର୍ତ୍ତନ କରି ଯାଉଥିଲେ ସେହି ସବୁ ସ୍ଥାନମାନଙ୍କୁ ସ୍ପର୍ଶ କରି ଏହି ଯାତ୍ରା ଯିବାର କାର୍ଯ୍ୟକ୍ରମ ରହିଛି।ଯିବା ପଥରେ ପଡୁଥିବା ବାଲିପାଟଣା, କେନ୍ଦୁବିଲ୍, ଅଡ଼ସପୁର, ନିଆଳୀ, କାକଟପୁର, କୋଣାର୍କ ଓ ପୁରୀରେ ମଧ୍ୟ ଜୟଦେବ ଜୟନ୍ତୀ ଉତ୍ସବ ଓ ସନ୍ଧ୍ୟାରେ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଶିଶୁ ଅନନ୍ତ ମଠ ପରିସରରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ସହ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସ୍ୱାଗତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସୂଚନା ଅନୁଯାୟୀ, ଅଂଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କୁ ଶିଶୁ ଅନନ୍ତ ମଠ ପକ୍ଷରୁ ସ୍ୱାଗତ କରାଯାଇଥିଲା ହରିନାମ ସଂକୀର୍ତ୍ତନ ଓ ମୃଦଙ୍ଗ କରତାଳର ଧ୍ୱନିରେ ମଠ ପରିସର ପ୍ରକମ୍ପିତ ହେଉଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା।ଏହି ଅବସରରେ ମଠର ମହନ୍ତ ଓ ସେବାୟତମାନେ ଉପସ୍ଥିତ ରହି ସଂକୀର୍ତ୍ତନ ଦଳକୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କବି ଜୟଦେବଙ୍କ ରଚିତ 'ଗୀତ ଗୋବିନ୍ଦ'ର ଗାୟନ ସହ ଅକ୍ଷୟ ତୃତୀୟାର ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ଅନନ୍ତ ସ୍ମୃତି ସଂସଦ ର ସମ୍ପାଦିକା ତନୟା ଗୋସ୍ୱାମୀ, ସଭାପତି ଅଭିମନ୍ୟୁ ନାୟକ, ସୁଭଦ୍ରା ପ୍ରିୟଦର୍ଶିନୀ, ରବି କୁମାର,ଦିନେଶ,ସରୋଜ,ସୁବର୍ଣ୍ଣ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## କପିଳ ଜୋରିରୁ ପଙ୍କ ଉଦ୍ଧାର ଓ ଦଳ ପରିଷ୍କାର ପାଇଁ ଦାବୀ କଲା 'ପରିବେଶ ସୁରକ୍ଷା ଟ୍ରଷ୍ଟ'



ପାରାଦୀପ, (ମହାଭାରତ) : ବନ୍ଦର ନଗରୀ ପାରାଦୀପର ମୁଖ୍ୟ ଜଳ ନିଷ୍କାସନ ପଥ କପିଳ ଜୋରିରେ ବାରମ୍ବାର ମାଛ ମଡକକୁ ନେଇ ନିକଟବର୍ତ୍ତୀ କଲୋନୀ ଓ ବସ୍ତି ଗୁଡିକର ପରିବେଶ ପୂତି ଗନ୍ଧମୟ ହେବାରେ ଲାଗିଛି କ୍ଷ ଏହାର ନିରାକରଣ ପାଇଁ 'ପରିବେଶ ସୁରକ୍ଷା ଟ୍ରଷ୍ଟ' ର ସମ୍ପାଦକ ଶିବ ଚରଣ ବିଶ୍ୱାଳ ଲିଖିତ ଆକାରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ତଥା ପାରାଦୀପସ୍ଥିତ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ,ପାରାଦୀପ ବନ୍ଦର ପ୍ରଶାସନ,ପାରାଦୀପ ପୌର ପ୍ରଶାସନ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଟ୍ରଷ୍ଟର ସମ୍ପାଦକ ଶ୍ରୀ ବିଶ୍ୱାଳ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଗତ ୨୦୦୨ ମସିହାରେ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଏହି କପିଳ ଜୋରିରୁ ୨୦୦୨ ମସିହାରେ ଡ୍ରେଜର ଦ୍ୱାରା ପଙ୍କ ଉଦ୍ଧାର ଓ ଦଳ ପରିଷ୍କାର କରିବା ଫଳରେ ସ୍ୱାଭାବିକ ଭାବେ ଜଳ ନିଷ୍କାସନ ହେବା ସହିତ ପରିବେଶ ସ୍ୱଚ୍ଛ,ନିର୍ମଳ ରହୁଥିଲା । ଉକ୍ତ ଜୋରି ରୁ ଗରିବ ମତ୍ସ୍ୟ ଜିବୀ ମାନେ ମଧ୍ୟ ମାଛ ଧରି ଜୀବିକା ନିର୍ବାହ କରୁଥିଲେ । କିନ୍ତୁ ଗତ କିଛି ବର୍ଷ ହେଲା ଉପଯୁକ୍ତ ରକ୍ଷଣା ବେକ୍ଷଣ ଅଭାବରୁ ଏହି ଜୋରିର ଅବସ୍ଥା ଯଥା ପୂର୍ବ ତଥା ପର ଅର୍ଥାତ୍ ଅଳିଆ ଆବର୍ଜନା,ପଙ୍କ ଓ କଟକି ଦଳ ପରିପୂର୍ଣ୍ଣ ହୋଇ ପଡ଼ିବା ଫଳରେ ଖାଲି ଯେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି ତା ନୁହେଁ ବରଂ ଅସ୍ୱାସ୍ଥ୍ୟମୟ ପରିବେଶ ସୃଷ୍ଟି କରୁଛି । ସବୁଠାରୁ ଦୁଃଖ ଓ ପରିତାପର ବିଷୟ ହେଲା, ଗତ ୨୦୨୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଆଇ.ଓ.ସି.ଏଲ୍ ଇ.ପି.ପି. (ଇନ୍?ଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ) ଜଳ ଶୋଧନ ନ କରି ସିଧା ସମୁଦ୍ରକୁ ରସାୟନିକ ପଦାର୍ଥ ଛାଡିବା ଫଳରେ ଏହି ଜୋରରେ ସମ୍ପୂର୍ଣ୍ଣଭାବେ ମାଛ ମଡକ ଦେଖା ଦେଇଥିଲା । ସେହିପରି ଗତ ୨୦୨୪ ମସିହା ନଭେମ୍ବର ୧୧ ତାରିଖରେ ପ.ପି.ଏଲ୍.ର ଏସିଡ ଯୁକ୍ତ କେମିକାଲ୍ ପାଣି ସାହାର ପେଣ୍ଟ ନଦୀକୁ ଛାଡି ଦେବା ଫଳରେ ମଧ୍ୟ ଏହି କପିଳ ଜୋରର ମୂଲ୍ୟବାନ ମାଛ ସମେତ ବହୁ ଜଳଜୀବ ମରି ଭାସୁଥିବାର ନଜିର ରହିଛି । ଏହି ଘଟଣାକୁ ନେଇ ପରିବେଶ ସୁରକ୍ଷା ଟ୍ରଷ୍ଟ, ପାରାଦ୍ୱୀପ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ, ପାରାଦୀପକୁ ଲିଖିତ ଭାବେ ଅଭିଯୋଗ କରିଥିଲା । ୨୦୨୬ ମସିହା ଏପ୍ରିଲ ୧୨ ତାରିଖ ରବିବାର ହଠାତ୍ ପାରାଦ୍ୱୀପ କପିଳ ଜୋରରେ ଟନ୍ ଟନ୍ ମାଛ ମରି ଭାସୁଥିବା ଦେଖିବା ଘଟଣା ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ଆଞ୍ଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ପାଣିର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରି ନେଇଥିଲେ ହେଁ କାରଣ ସମ୍ପର୍କରେ ଏ ପର୍ଯ୍ୟନ୍ତ କିଛି ସ୍ପଷ୍ଟ କରି ନାହାନ୍ତି । ତେବେ ଉକ୍ତ ଜୋର ଭିତରକୁ ବିଭିନ୍ନ ଶିଳ୍ପ ସଂସ୍ଥାର ବର୍ଜ୍ୟ ବସ୍ତୁ ପ୍ରବେଶ ସାଙ୍ଗକୁ ଜୋରକୁ ଦଳ ସମ୍ପୂର୍ଣ୍ଣ କବଳିତ କରି ରଖିଥିବାରୁ ଅମ୍ଳଜାନର ଅଭାବରୁ ବାରମ୍ବାର ମାଛ ମଡ଼କ ଦେଖିବାକୁ ମିଳୁଛି । ଉକ୍ତ ଜୋରିରୁ ଡ୍ରେଜର ସହାୟତାରେ ପଙ୍କ ଉଦ୍ଧାର ଓ ଦଳକୁ ସମ୍ପୂର୍ଣ୍ଣ ସଫା କରାଯିବା ସହିତ ପ୍ରତିବର୍ଷ ଟେଣ୍ଡର ଜରିଆରେ ଡଙ୍ଗା ଦ୍ୱାରା ପ୍ରତ୍ୟେକ ଦିନ ଜନ୍ମ ନେଉଥିବା ଦଳ ସଫା କରାଯିବା ସହ ଏହାର ରକ୍ଷଣା ବେକ୍ଷଣ କରାଯିବା ଉପରେ ଟ୍ରଷ୍ଟ ଗୁରୁତ୍ୱାରୋପ କରିଛି । ଏପଟେ ଉକ୍ତ ଜୋରରେ ଦଳ ଭର୍ତ୍ତି ହୋଇ ପରିବେଶ ନଷ୍ଟ କରିବା ସହ ସାଧାରଣ ଲୋକେ ପୂତି ଗନ୍ଧମୟ ପରିବେଶରେ କାଳାତିପାତ କରିବାକୁ ବାଧ ହେଉଥିବା ବେଳେ ପାରାଦୀପ ବନ୍ଦର ପ୍ରଶାସନ ଓ ପୌର ପ୍ରଶାସନ ପରସ୍ପର ଉପରେ ଦୋଷ ଲଦାଲଦିରେ ଲାଗି ପଡିଛନ୍ତି । ଏଣୁ ସ୍ଥାନୀୟ ଜିଲ୍ଲା ପ୍ରଶାସନ, ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ ବନ୍ଦର ପ୍ରଶାସନ,ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ଉଦ୍ୟମରେ ସମସ୍ୟାର ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ 'ପରିବେଶ ସୁରକ୍ଷା ଟ୍ରଷ୍ଟ' ସମ୍ପାଦକ ଶିବ ଚରଣ ବିଶ୍ୱାଳ ନିବେଦନ କରିଛନ୍ତି ।

## ଅକ୍ଷୟ ତୃତୀୟାରେ ପାଞ୍ଚଭାୟା ପୀଠରେ ଯଂଜ୍ଞ



ଦଶପଲ୍ଲା,୨୦/୦୪(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ଗ୍ରାମ ନିକଟରେ ଅବସ୍ଥିତ ପାଞ୍ଚ ଭାୟା ପୀଠ। ଏହି ପୀଠରେ ପ୍ରତିବର୍ଷ ଅକ୍ଷୟ ତୃତୀୟା ଦିନ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନୀ, ନଦିଆ କୀର୍ତନ କରାଯାଇଥାଏ । ହୋମ ଯଂଜ୍ଞ ସହ ପ୍ରସାଦ ସେବନ ର ମଧ୍ୟ ବ୍ୟବସ୍ଥା ହୋଇଥାଏ। ପୁରାଣ କଥା ଅନୁସାରେ ଯେତେବେଳେ ପଞ୍ଚୁପାଣ୍ଡବ ବନବାସ ରେ ଯିବାସମୟରେ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଯେଉଁ ଗଛଟି ର ପାଞ୍ଚଟି ଶାଖା ଅଦ୍ୟାବଧି ଦେଖାଯାଏ। ଅନ୍ୟ ଏକ କଥାନୁସାରେ ଏହି ଅକ୍ଷୟ ତୃତୀୟା ଦିନ ପୂଜାର୍ଚ୍ଚନା କଲେ ଭଲ ବର୍ଷା ହୁଏ ଏବଂ ଏଠାରେ ପ୍ରାର୍ଥନା କଲେ ଜଙ୍ଗଲ ମଧ୍ୟରେ ସମସ୍ତ ବାଧା ବିପତ୍ତି ଟଳି ଯାଏ ବୋଲି ସ୍ଥାନୀୟ ଜନସାଧାରଣ ଙ୍କ ବିଶ୍ୱାସ ରହିଛି। ତେବେ ଏ ପୀଠ ପ୍ରତି ପ୍ରଶାସନ ପକ୍ଷରୁ ସହଯୋଗ କରାଗଲେ ଏ ପୀଠ କୁ ଭକ୍ତ ମାନଙ୍କ ତଥା ପର୍ଯ୍ୟଟକ ଙ୍କ ଗହଳି ଅଧିକ ହୋଇପାରନ୍ତା ବୋଲି ସାଧାରଣ ରେ ଆଲୋଚନା ହେଉଅଛି।

## ଜିଲ୍ଲା ଷ୍ଟାଡିୟମରେ ସିଏମ୍ ଟ୍ରଫିର ମହାକୁମ୍ଭ

ମାଲକାନଗିରି, (ମହାଭାରତ) : ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ମାଲକାନଗିରିର ଯୁବପିଢ଼ିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ଲକ୍ଷ୍ୟରେ ଆଜି ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍ ପରିସରରେ ଜିଲ୍ଲା ସ୍ତରୀୟ ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଅତ୍ୟନ୍ତ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ଉଦ୍ଘାଟିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହି କ୍ରୀଡ଼ା ମହୋତ୍ସବର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରେ ଶତାଧିକ କ୍ରୀଡ଼ାବିତ୍ଙ୍କ ମାର୍ଚ୍ଚ-ପାଷ୍ଟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶକୁ ବେଶ୍ ଉତ୍ସବମୁଖର କରିଥିଲା। ଏହି ଅବସରରେ ଉଦ୍‌ବୋଧନ ଦେଇ ବିଧାୟକ କହିଥିଲେ ଯେ, ଆମ ମାଲକାନଗିରିର ମାଟିରେ ଅନେକ ପ୍ରତିଭା ଲୁଚି ରହିଛନ୍ତି। ସିଏମ୍ ଟ୍ରଫି କେବଳ ଏକ ଖେଳ ନୁହେଁ, ବରଂ ଏହା ଉପାନ୍ତ ଅଞ୍ଚଳର ଯୁବପିଢ଼ିଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଏକ ମଜଭୁତ ସେତୁ। ସରକାରଙ୍କ ଏହି ଅଭିନବ ପ୍ରୟାସ ଫଳରେ ପିଲାମାନେ ଖେଳ ମାଧ୍ୟମରେ ନିଜର ଭବିଷ୍ୟତ ଗଢ଼ିପାରିବେ। ସେହିପରି ଜିଲ୍ଲାପାଳ କ୍ରୀଡ଼ାବିତ୍ଙ୍କୁ ଉତ୍ସାହିତ କରି କହିଥିଲେ, କ୍ରୀଡ଼ା ଆମକୁ ଶୃଙ୍ଖଳା, ଧୈର୍ଯ୍ୟ ଏବଂ ସହଭାଗିତା ଶିଖାଏ।

## ପାରାଦୀପ ବନ୍ଦର ଆନ୍ତଃ-ବିଭାଗ ଓ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ : ବନ୍ଦର ଇଞ୍ଜିନିୟରିଂ ବିଭାଗ ଓ ଇଫକୋ ଚମ୍ପିୟନ



ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ପ୍ରାଧିକରଣ ଆନୁକୂଲ୍ୟରେ ଷଷ୍ଠ ଆନ୍ତଃ-ବିଭାଗ ଏବଂ ପଞ୍ଚମ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକ, କୃତି ଖେଳାଳି ଓ ଦଳ କୁ ଉତ୍ସାହିତ କରିଥିଲେ । ଏହି ଅବସରରେ, ବିଜେତା, ଉପବିଜେତା ଓ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନକାରୀ ମାନଙ୍କୁ ଟ୍ରଫି, ପଦକ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା। ବନ୍ଦର ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରେ, ପାରାଦୀପ ବନ୍ଦରର ଇଞ୍ଜିନିୟରିଂ ବିଭାଗ ୧୫ ଓଭରରେ ୧୧୨/୮ ରନ୍ କରିଥିଲା। ଟାର୍ଗେଟକୁ ପିଛା କରି, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ୧୫ ଓଭରରେ ୯୩/୯ ରନ୍ କରିଥିଲା। ଇଞ୍ଜିନିୟରିଂ ବିଭାଗ ୧୯ ରନ୍ ରେ ବିଜୟ ହାସଲ କରି ଚାମ୍ପିଅନସିପ୍ ଟ୍ରଫି ହାସଲ କରିଥିଲା । ସେହିପରି କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ଇଫକୋ ଉଭୟ ସମାନ ସ୍କୋରରେ ଶେଷ ହୋଇ ଏକ ରୋମାଞ୍ଚକର ସୁପର ଓଭରରେ ଇଫକୋ ମ୍ୟାଚ୍ ଜିତି ଚମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ତଥା ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଏଚ.ଏସ. ରାଉତ ଏବଂ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଉପ-ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗା ପ୍ରସାଦ ସେଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଅଂଶଗ୍ରହଣକାରୀ ଦଳ, ଆୟୋଜକ ଏବଂ ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆମ୍ବୁଲାନ୍ସ ବିଗଡ଼ିଲା, ଯୁବକର ଜୀବନ ଗଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ

ଲକ୍ଷ୍ମୀପୁର, (ମହାଭାରତ) : ଲକ୍ଷ୍ମୀପୁର ଅଞ୍ଚଳରେ ଏକ ଦୁଃଖଦ ଓ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି। ଚିକିତ୍ସା ପାଇଁ ଏକ ପରେ ଏକହସ୍ପିଟାଲକୁ ରେଫର ହେଉଥିବା ଜଣେ ଯୁବକଙ୍କ ଜୀବନ ଶେଷରେ ଆମ୍ବୁଲାନ୍ସ ଭିତରେ ହିଁ ଚାଲିଯାଇଛି। ଏହି ଘଟଣା ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସେବାର ଦୁରବସ୍ଥାକୁ ସ୍ପଷ୍ଟ କରିଦେଇଛି।ସୂଚନା ଅନୁସାରେ, କୋରାପୁଟ ଜିଲ୍ଲା ବୋରିଗୁମା ଥାନା ଅଧୀନ କୁମ୍ଭାରପୁଟ ଗାଁର ଦିନବନ୍ଧୁ କୁମ୍ଭାର ୧୯ ତାରିଖରେ ନିଜ ମୋଟରସାଇକେଲରେ ଯାଉଥିବା ବେଳେ ମାଲକାନଗିରି ଜିଲ୍ଲାର ସିନ୍ଦିରିମାଲ ନିକଟରେ ଗାଈ ସହ ଧକ୍କା ଲାଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ପ୍ରଥମେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସ୍ଥିତି ଅତ୍ୟନ୍ତ ଗୁରୁତର ହେବାରୁ ତାଙ୍କୁ କୋରାପୁଟ ଝଖଘ ମେଡିକାଲ କଲେଜକୁ ଏବଂ ସେଠାରୁ ଆଉ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁର ଗକଉଏ ମେଡିକାଲକୁ ରେଫର କରାଯାଇଥିଲା। କିନ୍ତୁ ଏହି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ସେବାର ଅବ୍ୟବସ୍ଥା ତାଙ୍କ ଜୀବନକୁ ବଞ୍ଚାଇପାରିଲା ନାହିଁ। ବ୍ରହ୍ମପୁରକୁ ନେଇଯାଉଥିବା ବେଳେ ଲକ୍ଷ୍ମୀପୁରରୁ ପ୍ରାୟ ୧୫ କିଲୋମିଟର ଦୂରରେ ୧୦୮ ଆମ୍ବୁଲାନ୍ସ ହଠାତ୍ ବିଗଡ଼ିଯାଇଥିଲା। ପରେ ଅନ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହାରେ ଅକ୍ସିଜେନ ସୁବିଧା ସଠିକ୍ ଭାବେ କାମ କରୁନଥିବା ଅଭିଯୋଗ ଆସିଛି। ପୁଣି ତୃତୀୟ ଆମ୍ବୁଲାନ୍ସ ଡକାଯାଇଥିଲା, କିନ୍ତୁ ତାହା ଆସିବାକୁ ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ହୋଇଥିଲା। ଏହି ଦୀର୍ଘ ବିଳମ୍ବ ଓ ଆବଶ୍ୟକ ଅକ୍ସିଜେନ ସୁବିଧାର ଅଭାବ ମଧ୍ୟରେ ଗୁରୁତର ଆହତ ଦିନବନ୍ଧୁଙ୍କୁ ଶେଷରେ ଲକ୍ଷ୍ମୀପୁର ଚିକିତ୍ସାଳୟକୁ ଆଣାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ,ପୋଷ୍ଟମର୍ଟମ ପରେ ଶବକୁ ପରିବାରଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ମୃତକଙ୍କ ପରିବାର ଗୁରୁତର ଅଭିଯୋଗ ଉଠାଇ କହିଛନ୍ତି ଯେ, ସମୟରେ ଅକ୍ସିଜେନ ମିଳିନଥିବା, ଆମ୍ବୁଲାନ୍ସ ବିଗଡ଼ିଯିବା ଏବଂ ଯନ୍ତ୍ରପାତିର ତ୍ରୁଟି ଯୋଗୁଁ ତାଙ୍କ ଜୀବନ ରକ୍ଷା ହୋଇପାରିଲା ନାହିଁ। ସେମାନେ ଏହି ଘଟଣା ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଗଭୀର ଅବହେଳାକୁ ଦାୟୀ କରିଛନ୍ତି। ଏହି ଦୁଃଖଦ ଘଟଣା ପୁଣିଥରେ ପ୍ରଶ୍ନ ଉଠାଇଛି,ଜରୁରୀ ସମୟରେ ଆମ୍ବୁଲାନ୍ସ ସେବା କେତେ ପ୍ରସ୍ତୁତ ? ସ୍ୱାସ୍ଥ୍ୟ ବ୍ୟବସ୍ଥା କେତେ ସୁରକ୍ଷିତ ? ସ୍ଥାନୀୟ ଲୋକମାନେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଦାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଅକ୍ଷୟ ତୃତୀୟାରେ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଥ କାଠର ଅନୁକୂଳ



ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅକ୍ଷୟ ତୃତୀୟା ଅବସରରେ ରଥ କାଠର ଅନୁକୂଳ ହୋଇଯାଇଛି ।ଜଗନ୍ନାଥ ସଂସ୍କୃତି ଓ ଗଜପତିର ରାଜକୀୟ ପରମ୍ପରା ଅନୁଯାୟୀ ରାଜପୁରୋହିତଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ଓ ହୋମ ହୋଇ ମହାପ୍ରଭୁ ଜଗନ୍ନାଥଙ୍କ ଠାରୁ ଆଜ୍ଞା ମାଳ ନେଇ ରାଜ ମହାରଣାଙ୍କ ଦ୍ୱାରା ରଥ କାଠର ଅନୁକୂଳ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଦୁର୍ଗାମାଧବ ପାଣିଗ୍ରାହୀ, ରାଜ ପୁରହିତ କାମଦେବ, ଅଶୋକ ମହାରଣା,ବସନ୍ତ ପଣ୍ଡା, ଭରତ ଭୂଷଣ ମହାନ୍ତି,ପ୍ରଣୋଜ ପଟ୍ଟନାୟକଙ୍କ ସମେତ ରଥଯାତ୍ରା କମିଟି,ଜଗନ୍ନାଥ ସେବାଦଳ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ ।ମନ୍ଦିର ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

## ମାଲକାନଗିରି ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ



ମାଲକାନଗିରି, (ମହାଭାରତ) : ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ମାଲକାନଗିରି ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ ଜିଲ୍ଲା ସ୍ତରୀୟ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଭିତ୍ତିକ ପରମ୍ପରାକୁ ବଜାୟ ରଖିବା ସହ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କୃଷି ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ଭୂମି ପୂଜନ କରିବା ସହ ଅକ୍ଷିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ନିଜ ଅଭିଭାଷଣରେ ବିଧାୟକ ଶ୍ରୀ ମାଡକାମୀ କହିଥିଲେ ଯେ, ଚାଷୀ ହେଉଛି ଆମ ଦେଶର ମେରୁଦଣ୍ଡ। ଅକ୍ଷୟ ତୃତୀୟାର ଏହି ପବିତ୍ର ଅବସରରେ ଆମେ ଚାଷୀ ଭାଇଙ୍କ ସମୃଦ୍ଧି କାମନା କରୁଛୁ। ସରକାର ସବୁବେଳେ ଚାଷୀଙ୍କ ସୁବିଧା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ଏବଂ ପ୍ରତିଟି ଚାଷୀ ପାଖରେ ଏହି ସହାୟତା ପହଞ୍ଚାଇବା ଆମର ପ୍ରାଥମିକତା। ଏହି ସମାରୋହରେ ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କୃଷି ରଥର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଜିଲ୍ଲାର କୃଷି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ପାଇଁ ଆମେ ପ୍ରତିବଦ୍ଧ। ଆଧୁନିକ ଜ୍ଞାନକୌଶଳ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ପାଇଁ ଆମେ କୃଷି ଓ ବିଜ୍ଞାନ ରଥ ମାଧ୍ୟମରେ ପ୍ରତିଟି ଗାଁରେ ସଚେତନତା ସୃଷ୍ଟି କରୁଛୁ। ସିଏମ୍ କିଷାନ୍ ଯୋଜନାର ସହାୟତା ରାଶି ଚାଷୀଙ୍କୁ ଖରିଫ୍ ଚାଷ ପାଇଁ ବହୁତ ସହାୟକ ହେବ। ଏଥିସହ ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ଡ. ଦେବୀ ପ୍ରସାଦ ଦାସ ଏବଂ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦୟାନିଧି ରାଉତ ପ୍ରମୁଖ ଯୋଗ ଦେଇ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରଥଗୁଡ଼ିକ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଉନ୍ନତ ବିହନ, ସାର ପ୍ରୟୋଗ ଏବଂ ସରକାରୀ ଯୋଜନା ବିଷୟରେ ପ୍ରଚାର କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଉପସ୍ଥିତ ଚାଷୀମାନେ ରାଜ୍ୟ ସ୍ତରୀୟ କୃଷକ ଦିବସ ଓ ସିଏମ୍ କିଷାନ ଯୋଜନାର ସିଧା ପ୍ରସାରଣ ଦେଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୪୨ ଲକ୍ଷ ଚାଷୀଙ୍କ ପାଇଁ ୮୩୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଖରିଫ୍ ଚାଷ ପାଇଁ ଘୋଷଣା କରାଯାଇଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲାର ୮୨,୩୧୦ ଜଣ ଚାଷୀଙ୍କୁ ସିଧାସଳଖ ବ୍ୟାଙ୍କ ଖାତାକୁ ସହାୟତା ରାଶି ପ୍ରଦାନ କରାଯାଇଛି। ପରିଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ।

## ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଆଖିମୁଠି ଆରମ୍ଭ

ଦଶପଲ୍ଲା, (ମହାଭାରତ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୟାଗଡ ଜିଲ୍ଲା ଦଶପଲ୍ଲା ଠାରେ ବୈଦିକ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ, ଭୂମି ପୂଜନ, ଅକ୍ଷ ଧାନ ପୂଜନ, ହଳ ବଳଦ ପୂଜନ ତଥା ବିଭିନ୍ନ ଦେବାଦେବୀଙ୍କ ଆବାହନ ପୂର୍ବକ ମହା ଆଡ଼ମ୍ବର ପାଳିତ ହୋଇ ଯାଇଛି ଲ ଏ ଅବସରରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନେତା ତଥା ବିଜେପି ବିଧାୟକ ପ୍ରାର୍ଥୀ ରାଘବ ମଲିକ ପାରମ୍ପରିକ ନୀତି ଅନୁଯାୟୀ ମୁଠି ଅନୁକୂଳ କରିବା ସହିତ ହଳ ଲଙ୍ଗଳ କରିଥିଲେ କ୍ଷ ଅନ୍ୟ ପକ୍ଷରେ ଦଶପଲ୍ଲା ବିଡ଼ିଓ ଶରତ କୁମାର ମଲିକ ଓ ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଦ୍ୱାରଗାଁ ଗ୍ରାମରେ ବିଦ୍ଧି ପୂର୍ବକ ପୂଜାର୍ଚ୍ଚନା କରି ବିଡ଼ିଓ ଶ୍ରୀ ମଲିକ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଏ ସମୟରେ ଡିହଗାଁ ସରପଞ୍ଚ ବରୁଣ କୁମାର ପାତ୍ର ଙ୍କ ସମେତ ଅନ୍ୟ ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ। ତେବେ ଚାଷୀ ଆଜିର ଦିନରେ ଧାନ ବୁଣା କାର୍ଯ୍ୟ ଆରମ୍ଭ କରିଥାଏ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅନୁଷ୍ଠିତ



ରାୟଗଡ଼ :(ମହାଭାରତ):ରାୟଗଡା ଜିଲ୍ଲାର କଲ୍ୟାଣସିଂ ପୁର ବ୍ଲକ ଅନ୍ତର୍ଗତ ନାରାୟଣ ପୁର କୃଷି ଫାର୍ମ ପରିସରରେ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନ କର୍ତ୍ତା ଭାବରେ ଉପସ୍ଥିତ ରହି ସମସ୍ତ ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା ଓ ଧିପୂର୍ବକ ପାଳିତ ହୋଇଥିଲା ।ଏହାପରେ ମାନ୍ୟବର ବିଧାୟକ ବିଷମ କଟକ ନିର୍ବାଚନ ଶ୍ରୀଯୁକ୍ତ ନୀଳ ମାଧବ ହିକକା, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷ ଶ୍ରୀ ବିଦ୍ୟାଧର ଶବର ଓ ଉପାଧ୍ୟକ୍ଷ ଶ୍ରୀମତୀ ମଞ୍ଜୁଳା ମିଣିଆକା, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ବନମାଳି କାଡ୍ରାକା ଙ୍କ ଉପସ୍ଥିତିରେ ଅଖିମୁଠି ଅନୁକୂଳ ପୂର୍ବକ ଜମିରେ ହଳ ଓ ବିହନ ବୁଣି ଏହି ଶୁଭ କାର୍ଯ୍ୟ ପରି ପାଳିତ ହୋଇଥିଲା। ଏହାପରେ ସଭାଗୃହରେ ତିନିଶହରୁ ଉର୍ଦ୍ଧ ଚାଷୀ ଙ୍କ ଉପସ୍ଥିତିରେ ଆଭାଶୀ ମାଧ୍ୟମରେ କଟକରୁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ରୁ ସିଧା ସଳଖ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଓ ସିଏମ କିସାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏସ. କେ ଏହେସାନ ଙ୍କ ସଭାପତିତ୍ୱରେ ଓ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ବିଷମ କଟକ,ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷ, ଶ୍ରୀ ଶବର ଉପାଦକ୍ଷ୍ୟ,ଶ୍ରୀମତୀ ମିନିଆକ,ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀ ନବୀନ ଚନ୍ଦ୍ର ନାଏକ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିହାର ରଞ୍ଜନ କଅଁର ପ୍ରମୁଖ ଉପସ୍ଥିତ ରହି ଅକ୍ଷୟ ତୃତୀୟା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହାପରେ ଅତିଥିଙ୍କ ଦ୍ୱାରା କୃଷି ରଥ ର ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର କୃଷି ଜିଲ୍ଲା ଅଧିକାରୀ, ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ, ଆତ୍ମାର ଏଟିଏମ, ବଡ଼ବାବୁ ସନ୍ତୋଷ କୁମାର ସେନାପତି ବିଟିଏମ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ସହଯୋଗ କରିଥିଲେ।

# ଶୁଣିବାକୁ ମିଳୁନି ହୁଳହୁଳି କି ହଳିଆ ଗୀତ: ଚାଷ ଜମି ରେ ଖାଲି ଟ୍ରାକ୍ଟର ର ଧୂଆଁ



ଆସିକା (ମହାଭାରତ): ଦିନ ଥିଲା ଲୋକେ ଚାଷ କରି ଯାହା କିଛି ଉପାର୍ଜନ କରୁଥିଲେ ସେଥିରେ ବର୍ଷ ତମାମ ହସଖୁସିରେ ପରିବାର ପ୍ରତିପୋଷଣ କରି ଆସୁଥିଲେ । ଆଧୁନିକ ଯୁଗରେ ଲୋକେ ଚାଷ କାମ ଠାରୁ ପ୍ରାୟତଃ ଦୂରେଇ ଯିବାକୁ ବସିଲେଣି । ଯେଉଁ କିଛି ଲୋକେ ଚାଷ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି, ସେମାନଙ୍କ ଚାଷ କରିବା ପ୍ରଣାଳୀ ମଧ ବଦଳିବାକୁ ବସିଲାଣି । ଯୁଗ ବଦଳିବା ସହ ସମୟ ସହ ତାଳ ଦେଇ ଲୋକେ ଆଧୁନିକ ପ୍ରଣାଳୀରେ ଚାଷ କରି କମ ଶାରୀରିକ ପରିଶ୍ରମ କରିବା ସହ ଖୁବ କମ ସମୟରେ କମ ଚାଷ ଜମିରୁ ଅଧିକ ଶସ୍ୟ ଅମଳ କରୁଥିବା ଦେଖିବାକୁ ମିଳିଛି ।ଆସିକା ଅଞ୍ଚଳର ଚାଷୀମାନେ ମୁଖ୍ୟତଃ ଖରିଫ ଓ ରବି ଋତୁରେ ଧାନଚାଷ କରିଥାନ୍ତି। ଯୁଗ ବଦଳିବା ସହ ଚାଷ କାର୍ଯ୍ୟର ଗୁରୁତ୍ୱ କମିବାରେ ଲାଗିଛି । ଏପରିକି ଚାଷୀମାନେ ପୂର୍ବଭଳି ଚାଷ ନକରି ଆଧୁନିକ ପ୍ରଣାଳୀରେ ଚାଷ କାମ କରିବାକୁ ଉଚିତ ମଣୁଛନ୍ତି। ପୂର୍ବକାଳରେ ଲୋକମାନେ ଚାଷ କରିବା ପାଇଁ ସାଧାରଣତଃ ହଳ, ଲଙ୍ଗଳ ବ୍ୟବହାର କରୁଥିଲେ । ହେଲେ ଆଧୁନିକ ଯୁଗରେ ହଳ, ଲଙ୍ଗଳ ଜିଲ୍ଲାରେ ବୁଲୁନଥିବା ଦେଖିବାକୁ ମିଳୁଛି। ଚାଷୀ ବର୍ତ୍ତମାନ ଟ୍ରାକ୍ଟର ଓ ପାୱାରଟିଲର ସହାୟତାରେ ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳୁଛି ।ପୂର୍ବେ ମାସ ମାସ ଦିନ ଧରି ଚାଷ କାର୍ଯ୍ୟ ଚାଲୁ ରହିଥିବା ବେଳେ ବର୍ତ୍ତମାନ ଆଧୁନିକ ପ୍ରଣାଳୀରେ ଖୁବ କମ ସମୟ ମଧ୍ୟରେ ଚାଷୀ ତାର ଚାଷ କାର୍ଯ୍ୟ ଶେଷ କରୁଥିବା ଜଣାପଡ଼ିଛି । ପୂର୍ବରୁ ପ୍ରତ୍ୟେକ ଚାଷୀ ପରିବାରରେ ଚାଷ କାର୍ଯ୍ୟ ପାଇଁ ଗୋରୁ, ବଳଦ ପାଳନ କରି ଆସୁଥିଲେ ।ବିଲରେ ହଳ କରିବା ପାଇଁ କୁସୁମ, ଫାଶୀ, ବାବୁଲ, ଗୁହାରିଆ ଭଳି ବିଭିନ୍ନ କାଠରେ ନିର୍ମିତ ଲଙ୍ଗଳ, ଟାମଣା, ଇଶ ଓ ଅନ୍ୟାନ ଚାଷ ଉପକରଣ ରଖୁଥିଲେ ।ହଳବଳଦ ପରିବର୍ତ୍ତେ ଟ୍ରାକ୍ଟର ଯୋଗେ ଚାଷକାମକିଛି ଧନୀକ ଶ୍ରେଣୀର ଚାଷୀମାନେ ଗାଈଗୋରୁ, ବଳଦର ଯତ୍ନ ନେବା ପାଇଁ ଓ ଚାଷ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ପାଇଁ ହଳିଆ ରଖୁଥିବା ଦେଖିବାକୁ ମିଳୁଥିଲା । ସେମାନଙ୍କୁ ବାର୍ଷିକ ଚୁକ୍ତି ଅନୁଯାୟୀ ପାରିଶ୍ରମିକ ବାବଦରେ ଅମଳ ଶସ୍ୟ ପ୍ରଦାନ କରାଯାଉଥିଲା ।ପ୍ରତିବର୍ଷ ବର୍ଷାଋତୁ ଆରମ୍ଭରୁ ଚାଷୀମାନେ ଚାଷ କାର୍ଯ୍ୟ ପାଇଁ ହିଞ୍ଜିଳିକାଟୁ ପ୍ରସିଦ୍ଧ ସାପ୍ତାହିକ ଶନିବାର ଗୋରୁ ହାଟକୁ ଆସି ଗାଈଗୋରୁ, ବଳଦ, ପୋଢ ଆଦିକିଣାବିକା କରୁଥିଲେ। ପହିଲି ବର୍ଷା ପରେ ଚାଷୀ ମନ ଆନନ୍ଦରେ ଭରି ଯାଉଥିଲା । ଦେବସ୍ନାନ ପୂର୍ଣ୍ଣମା ଦିନ ଚାଷୀ ବିଲରେ ପୂଜାର୍ଚ୍ଚନା କରିବା ପରେ ଚାଷ କାମକୁ ଆଗେଇ ନେଉଥିଲା । ଧାନ ରୁଆ ଓ ବିଲରେ ହଳ, ଲଙ୍ଗଳ ଚାଲୁଥିବା ସମୟରେ ମହିଳାମାନେ ହୁଳହୁଳି ଦେଉଥିବା ବେଳେ ଚଷା ପୁଅ ହଳିଆ ଗୀତ ଗାଇ ମନ ଆନନ୍ଦରେ ଚାଷ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳୁଥିଲା । ଖରା ବର୍ଷାକୁ ଖାତିର ନକରି ମହା ଆନନ୍ଦରେ ଚାଷ କାର୍ଯ୍ୟ କରି ଯାହା କିଛି ଅମଳ କରୁଥିଲା ସେଥିରେ ବର୍ଷ ତମାମ ପରିବାର ପ୍ରତିପୋଷଣ କରି ଆସୁଥିଲା । ହେଲେ ସମୟ ବଦଳିଯାଇଛି । ଚାଷୀ ପୁଅ ହଳ ଲଙ୍ଗଳ ଧରି ବିଲକୁ ଯାଉନାହିଁ କି ମହିଳାମାନେ ହୁଳହୁଳି ଦେଉନାହାନ୍ତି । ଟ୍ରାକ୍ଟର ସହାୟତାରେ ଚାଷ କାମ କରାଯାଉଛି । ଧାନ ରୁଆ ଠାରୁ ଆରମ୍ଭ କରି ଧାନକଟା ପର୍ଯ୍ୟନ୍ତ ସମୟ ଚାଷ କାମ ଆଧୁନିକ ଯନ୍ତ୍ରପାତି ସହାୟତାରେ କରାଯାଉଛି । ସହରାଞ୍ଚଳ ତ ଦୂରର କଥା ବର୍ତ୍ତମାନ ହିଞ୍ଜିଳିକାଟୁ ନିକଟବର୍ତ୍ତୀ ଗ୍ରାମାଞ୍ଚଳ ଗୁଡ଼ିକରେ ମଧ୍ୟ ହଳ ଲଙ୍ଗଳ କିମ୍ବା ହଳ କରାଯାଉନଥିବା ଦେଖିବାକୁ ମିଳିଛି । ଏପରିକି ଦିନକୁ ଦିନ ପଶୁ ସମ୍ପଦ ମଧ୍ୟ ଲୋପ ପାଇବାକୁ ବସିଲାଣି ।

# ହଜି ଯାଇଛି ପାରମ୍ପରିକ ହଳ ମାତ୍ର ବଞ୍ଚିଛି ମୁଠି ଅନୁକୂଳ



ଅସ୍ତରଙ୍ଗ (ମହାଭାରତ) :ଆଜି ପବିତ୍ର ବୈଶାଖ ମାସ ଶୁକ୍ଲପକ୍ଷ ତୃତିଆ ବା ଅକ୍ଷୟ ତୃତିଆ, ଆଜିର ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ପବିତ୍ର ଘୋଷ ଯାତ୍ରା ପାଇଁ କାଠ ଅନୁକୂଳ ହୁଏ ଆଜିର ଦିନରେ ଆମ ଓଡ଼ିଆ ଘରେ ଚାଷୀ ମାନଙ୍କ ର ବିହନ ବା ମୁଠି ଅନୁକୂଳ ର ରହିଛି ନିଆରା ପରମ୍ପରା, ସକାଳୁ ଉଠି ଓଡ଼ିଆଣୀ ମାନେ ସ୍ନାନା ଦୀ ନିତ୍ୟକର୍ମ ସାରି ଅରୂଆ ଚାଉଳ ଶୀଳ ରେ ବାଟି ଚିତା ପ୍ରସ୍ତୁତ କରନ୍ତି ଆଉ ନିଜ ଘର ର ଅଗଣା ରେ ସୁନ୍ଦର ଝୋଟି କାଟି ଟୋକେଇ ରେ ବିହନ ରଖି ସେଠି ସ୍ଥାପନ କରନ୍ତି, କଳସ ଫୁଲ ଧୂପ ଦୀପ ନୂତନ ବସ୍ତ୍ର ଦେଇ ମା ଲକ୍ଷ୍ମୀ ନାରାୟଣ ଙ୍କ ଉଦ୍ଦେଶ୍ୟ ରେ ଘରଣୀ ମାନେ ପୂଜା କରନ୍ତି। ପୂଜା କରିବା ପରେ ଚାଷୀ ପୁଅ ଙ୍କ ମୁଣ୍ଡ କୁ ସେଇ ବିହନ ଟୋକେଇ କୁ ଟେକି ଦିଅନ୍ତି। ଚାଷୀ ପୁଅ ନୂତନ ବସ୍ତ୍ର ପରିଧାନ କରି ବାହାରି ପଡେ ଧାନ ବିଲ କୁ ଆଉ ଚଳିତ ବର୍ଷ ଭଲ ଅମଳ ପାଇଁ ଲକ୍ଷ୍ମୀନାରାୟଣ ଙ୍କୁ ଡାକି ବିହନ ବା ମୁଠି ଅନୁକୂଳ କରେ ସେତେବେଳେ ଯୁଗ ରେ ଲଙ୍ଗଳ ବଳଦ ମାନଙ୍କୁ ପୂଜା କରାଯାଇ ଚାଷ କ୍ଷେତ କୁ ନିଆଯାଏ ମାତ୍ର ଆଜିର ବୈଜ୍ଞାନିକ ରଣ କୌଶଳ ଓ ଆଧୁନିକତା ଭିତରେ ସେହି ପରମ୍ପରା ଆଉ ଦୃଶ୍ୟ ହେଉନାହିଁ ମାତ୍ର ଏହି ଅକ୍ଷୟ ତୃତିଆ ଆସିଲେ ଆମ ଓଡ଼ିଆ ଚଷା ପୁଅ ମୁଠି ଅନୁକୂଳ କୁ ଭୁଲେ ନାହିଁ ଆଉ ଆମ ପରମ୍ପରା କୁ ବଜାୟ ରଖିବାକୁ କରିଥାନ୍ତି ଉଦ୍ୟମ ।

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ବି.ଏନ୍ ପେଲେଶ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ନିକଟସ୍ଥ ଚାଷ ଜମିରେ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ଓ ଭୂମିପୂଜନ କାର୍ଯ୍ୟକ୍ରମ କରାଯାଇ ଅଖି-ମୁଠି ଅନୁକୂଳ କରା ଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି ।ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏମ ପ୍ରକାଶ ରାଓ, କୃଷି ଜିଲ୍ଲା ଅଧିକାରୀ ପାରଳାଖେମୁଣ୍ଡି ଶ୍ରୀ ରବୀନ୍ଦ୍ର କୁମାର ଆଡ଼େକ, କୃଷି ଜିଲ୍ଲା ଅଧିକାରୀ ଆର୍ ଉଦୟଗିରି ଶ୍ରୀ ବି ଏନ ମଙ୍ଗରାଜ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି ଶ୍ରୀ ସୁରେଶ କୁମାର ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗଦେଇ ଚାଷ ଜମିରେ ଧାନ ବୁଣିବା ସହ ଜମିରେ ହଳ ନଙ୍ଗଳ ବୁଲାଇ ଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ରାଓ ଅକ୍ଷୟ ତୃତୀୟାର ଗୁରୁ ଓ କୃଷି ଆନୁଷଙ୍ଗିକ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି କୃଷି କାର୍ଯ୍ୟ କରିବା ପାଇଁ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ସଚେତନତା କରାଇଥିଲେ ।ସେହିପରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଅକ୍ଷୟ ତୃତୀୟା ପର୍ବର ପୌରାଣିକ ମହତ୍ ଓ ପ୍ରାସଙ୍ଗିକତା ବୁଝାଇଥିଲେ । ମଞ୍ଚାସିନ ଅଧିକାରୀ ନିଜ ନିଜ ଅଭିଭାଷଣରେ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନାର ଲାଭ ଉଠାଇବା, ଆଧୁନିକ କୃଷି ପ୍ରଣାଳୀ ସହ ଅବଗତ ହେବା ପାଇଁ ଚାଷୀମାନଙ୍କୁ ଆହ୍ୱାନ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯକ୍ରମ ପରେ ରାଜ୍ୟସ୍ତରୀୟ କାର୍ଯକ୍ରମ ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ସମେତ,ବ୍ଲକ୍ କୃଷି ଅଧିକାରୀ,ଗ୍ରାମ୍ୟ କୃଷି କର୍ମଚାରୀ , କୃଷକ ସାଥୀ ଏବଂ କୃଷି ଓ ଆନୁଷଙ୍ଗିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ସମେତ ବହୁ ସଂଖ୍ୟାରେ ଚାଷୀ ଭାଇଭଉଣୀମାନେ ଯୋଗ ଦେଇଥିଲେ ।

## ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା ଘଟଣାରେ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଘଟଣା ସ୍ଥଳ ପରିଦର୍ଶନ



ଉମରକୋଟ (ମହାଭାରତ) ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଉଚ୍ଚ ବିଦ୍ୟାଳୟରେ ଗତ ୧୬ ଏପ୍ରିଲ ରେ ଅଷ୍ଟମ ଶ୍ରେଣୀର ଛାତ୍ର ପ୍ରଶାନ୍ତ ଭତ୍ରା ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ଆଜି ବିଜେଡି ର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ ଘଟଣା ସ୍ଥଳରେ ଭାମିନି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାନଙ୍କ ସହ ବିସ୍ତୃତ ଭାବରେ ଏହି ଟିମ ଆଲୋଚନା କରିଥିଲା କି କେମିତି ସ୍କୁଲ ପରିସର ମଧ୍ୟରେ ଏଭଳି ଘଟଣା ଘଟିଲା । ଏହି ଟିମ ରେ ବିଜେଡି ଦଳର ନେତା ପ୍ରଦୀପ ମଝି ପୂର୍ବତନ ସଂସଦ ରମେଶ ମାଝୀ ,ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ,ପୂର୍ବତନ ବିଧାୟକ ସୁବାସ ଗଣ୍ଡ ଓ ବିଧାୟିକା ପ୍ରାର୍ଥୀ ଶ୍ରମତି ନବୀନା ନାୟକ ,ଶ୍ରୀ କାଜମ ମଦାନୀ ଇତ୍ୟାଦି ପ୍ରମୁଖ ପରିଦର୍ଶନ କରିଥିଲେ ପରିଦର୍ଶନ କରି ଏହି ଟିମ ମୃତ ଛାତ୍ରଙ୍କ ପରିବାରଙ୍କ ସହ ମଧ ଆଲୋଚନା କରିଥିଲା ସ୍କୁଲ ପରିଦର୍ଶନ ସମୟରେ ଏହି ଟିମ ସ୍କୁଲ ରେ ରୋଷେଇ ହଉଥିବ ନିମ୍ନ ମାନର ଖାଦ୍ୟକୁ ମଧ ଦେଖିଥିଲେ ଓ ଆଜି ପର୍ଯ୍ୟନ୍ତ ସ୍କୁଲ ରେ ପିଲାଙ୍କୁ ଅଣ୍ଡା ନ ଦିଆଯାଉଥିବା ଖବର ମଧ ଶୁଣିଥିଲେ ଅଣ୍ଡା ବଦଳରେ ପିଲାଙ୍କୁ ଅଙ୍ଗୁର ଦୋ ଖବର ସାମ୍ନାକୁ ଆସିଥିଲା । ଏହି ସବୁ ଦେଖିଲା ପରେ ଏହାର ତଦନ୍ତ ହବ ବୋଲି ସୂଚନା ଦେଇଥିଲେ।

# ପାନୀୟ ଜଳ ପ୍ରକଳ୍ପ ଅଧପନ୍ତରିଆ
# ହନ୍ତସନ୍ତ ହେଉଛନ୍ତି ମଧୁପୁର ସାହିବାସୀ



ଗଣିଆ,(ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଛାମୁଣ୍ଡିଆ ପଞ୍ଚାୟତର ମଧୁପୁର ସାହିରେ ପାନୀୟ ଜଳର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଠିକାଦାର ଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପ୍ରକଳ୍ପ ଅଧା ରେ ପଡ଼ି ରହିଛି । ରାଜ୍ୟ ସରକାର ଙ୍କ ପକ୍ଷରୁ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଠିକାଦାର ଙ୍କ ଆନ୍ତରିକତା ନଥିବା ଯୋଗୁଁ ଅଧାରେ କାର୍ଯ୍ୟ ପଡ଼ିରହିଛି । ଏପରିକି ଦୀର୍ଘ ତିନି ମାସରୁ ଉର୍ଦ୍ଧ ସମୟ ଧରି ପ୍ରକଳ୍ପ ର ପିଣ୍ଡି ତିଆରି କରି ଛୁ ମାରିଥିବା ମଧୁପୁର ବାସିନ୍ଦା ଅଭିଯୋଗ ଆଣିଥିଲେ । ସୌରଚାଳିତ ପମ୍ପ ପ୍ରକଳ୍ପ ଏବେ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ସ୍ଥାନୀୟ ବାସିନ୍ଦା ଜଳକଷ୍ଟ ଭୋଗୁଥିବା ବେଳେ ଠିକାଦାର ଆଉ ଦେଖା ଦେଉନଥିବା ସାହିର ବାସିନ୍ଦା ସତ୍ୟାନନ୍ଦ ଖଟୁଆ ଜଣାଇ ଥିଲେ। ଠିକାଦାର ଙ୍କ ଅବହେଳା ଯୋଗୁଁ ଅଚଳ ପ୍ରକଳ୍ପ କୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନିକ ପକ୍ଷରୁ ଏ ନେଇ କୌଣସି କାର୍ଯ୍ୟ ପ୍ୟା ଗ୍ରହଣ କରୁନଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ, ମଧୁପୁର ସାହିରେ ପିଇବା ପାଣି ପାଇଁ ପାହାଡ଼ ଉପରେ ଜନବାସତି ଲୋକଙ୍କ ପାଇଁ ଏହି ସୌରଚାଳିତ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ ନ ହେବା ଯୋଗୁଁ ପାନୀୟ ଜଳ ପାଇବାରୁ ବଞ୍ଚିତ । ସେଠାରେ ନିର୍ମିତ ନଳ କୂପ ର ପାଣି ପିଇବା ଯୋଗ୍ୟ ନଥିବା ହେତୁ ହନ୍ତସନ୍ତ ର ଶିକାର ହେଉଛନ୍ତି ମଧୁପୁର ବାସୀ ।ଅଭିଯୋଗ ହେଉଛି ଯେ, କାମ ସମ୍ପୂର୍ଣ୍ଣ ନକରି ସମ୍ପୃକ୍ତ ଠିକାଦାର ଆସୁନଥିବା ଅଭିଯୋଗ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟ ସାରି ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ସାଧାରଣ ରେ ଦାବୀ ହେଉଅଛି ।

## ମୋନାଲିସା ସାହିତ୍ୟ ସଂସଦ ର ସାରସ୍ୱତ ଆସର ରେ ସାହିତ ର ଭୂମିକା ଉପରେ ଆଲୋଚନା



ପାରାଦୀପ (ମହାଭାରତ): ସମାଜର ଅଧପତନ ଘଟିଲେ ସାହିତ୍ୟ ଅବିଭାବକ ପରି ଅନୁଶାସନ କରିଥାଏ ବୋଲି ମୋନାଲିସା ସାହିତ୍ୟ ସଂସଦର ମାସିକ ସାରସ୍ୱତ ଆସରରେ ମତପ୍ରକାଶ ପାଇଛ। ପାରାଦୀପ ବନ୍ଦର ସାକ୍ଷାରତା ସମିତି ସଭାଗୃହରେ ପାରାଦୀପର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୋନାଲିସା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସରରେ ବିଶିଷ୍ଟ ଶ୍ରମିକ ନେତା କବି ଅନନ୍ତ କୁମାର ଦାସଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। କ୍ୟାନମାସ ସଂପାଦକ ତଥା ନାଟ୍ୟ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସବୁ ଯୁଗରେ ସମାଜର ଅବିଭାବକ ଭାବରେ ଭଲ ମନ୍ଦ ବିଚାର କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ ,ସମ୍ମାନୀତ ଅତିଥି ଅଶୋକ କୁମାର ମହାପାତ୍ର,କବି ପ୍ରକାଶ ଦାସ ପ୍ରମୁଖ ଆଧୁନିକ ସାହିତ୍ୟରେ ସମାଜର ଚିତ୍ର ଓ ଚରିତ୍ରର ପ୍ରତିଫଳନ ସଂପର୍କରେ ଆଲୋକପାତ କରିଥିଲେ। କବୟିତ୍ରୀ ତୁଳସୀ ବରାଳଙ୍କ ସଂଯୋଜନାରେ ବାବାଜୀ ନାୟକ,ନିମାଁଇ ମହାପାତ୍ର,ବିଜୟ ନାୟକ,ଚିତ୍ରସେନ ମହାନ୍ତି,ସନ୍ଧ୍ୟାରାଣୀ ମହାରଣା,ନଳିନୀ ପ୍ରଭା ସାହୁ,ସୁଜାତା ନାୟକ,ପୁଷ୍ପାଞ୍ଜଳି ମିଶ୍ର,କଳ୍ପନା ବେହେରା, ସଞ୍ଜୀବ କୁମାର ଦାଶ,ଉର୍ମିଳା ମହାନ୍ତି,ନମିତା ରାଉତ,ସୁଚରିତା ପଣ୍ଡା,ଟୁନି ଖୋଜି ପ୍ରମୁଖ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂସଦର ସଂପାଦିକା ସଂଘମିତ୍ରା ସ୍ୱାଇଁ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟ ନାୟକ ।

## ଶୁଣାଣି ଶିବିର :୫୪ଟି ଅଭିଯୋଗର ଶୁଣାଣି ସହ ଅସହାୟଙ୍କୁ ସହାୟତା ପ୍ରଦାନ

ମାଲକାନଗିରି(ମହାଭାରତ): ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ନିର୍ଦ୍ଦେଶକ୍ରମେ କୋରକୁଣ୍ଡା ବ୍ଲକ ଅନ୍ତର୍ଗତ ଓଲ୍ଡ ଚିମିଟାପାଲ୍ଲୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ବିଶାଳ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଓ ସହାୟତା ପ୍ରଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ (ସିଡିଓ) ଦାଶରଥି ସରାବୁ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଗୁରୁତର ସମସ୍ୟାର ଶୁଣାଣି କରିଥିଲେ। ସରକାରୀ ସେବାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ଅସହାୟଙ୍କୁ ତୁରନ୍ତ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ଏଠାରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ବା ଷ୍ଟଲ୍ ମାନ ସ୍ଥାପନ କରାଯାଇଥିଲା। ଏହି କ୍ୟାମ୍ପଗୁଡ଼ିକ ମାଧ୍ୟମରେ ଦରିଦ୍ର ଓ ନିଷ୍ପେଷିତ ଲୋକଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ଓ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଶିବିରରେ ମୋଟ ୫୪ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ଗ୍ରାମବାସୀମାନେ ମୁଖ୍ୟତଃ ଚାଷ ଜମିରେ ଜଳସେଚନର ଅଭାବ, ଗ୍ରାମାଞ୍ଚଳରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତାଘାଟ ନିର୍ମାଣ, ପାନୀୟ ଜଳ ସଂକଟ, ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ବଣ୍ଟନରେ ଅନିୟମିତତା ଏବଂ ବିଦ୍ୟୁତ ବିଭାଗର ଅହେତୁକ ବିଲ୍ ପ୍ରଦାନ ଭଳି ଜଟିଳ ସମସ୍ୟା ଉପରେ ସିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ବିକଳାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ଦୁଇ ଦମ୍ପତି



କପ୍ତିପଦା -(ମହାଭାରତ )କପ୍ତିପଦା - ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ପଦ୍ମପୋଖରୀ ପଞ୍ଚାୟତର ଏକ ଦମ୍ପତି ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନାର ବିକଳାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ, ଜିଙ୍ଗୀ ପୂର୍ତ୍ତି(୨୩) ଜନ୍ମରୁ ବିକଳାଙ୍ଗ ହୋଇଛନ୍ତ। ସେ ୨୦୧୦ ମସିହାରୁ ହିଁ ବିକଳାଙ୍ଗ ସାର୍ଟିଫିକେଟ ପାଇଥିଲେ ହେଁ ତାଙ୍କୁ ବିକଳାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ କରାଯାଇଥିବା ଦେଖା ଯାଉଛି । ତାଙ୍କର ବିକଳାଙ୍ଗ ସାର୍ଟିଫିକେଟରେ ସେ ୪୦% ବିକଳାଙ୍ଗ ବିକଳାଙ୍ଗ ହୋଇଥିବା ଦଉଲ୍ଲେଖ ରହିଛି । ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିୟମ ଅନୁସାରେ - ଯେ କୌଣସି ବ୍ୟକ୍ତି ୪୦% ବିକଳାଙ୍ଗ ଚିହ୍ନଟ ହେଉ ଥିଲେ ସେମାନଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯିବାର ପ୍ରାବଧାନ ରହିଥିଲେ ହେଁ ତାଙ୍କୁ ଏହି ସୁବିଧା ପାଇବାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ। ଜିଙ୍ଗୀ ପୂର୍ତ୍ତି(୨୩) ଗୋରା ଗାଗାରାଇଙ୍କୁ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ଗୋରା ଗାଗାରାଇ ମଧ ଆଜିକୁ ୪ ବର୍ଷ ତଳେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇ ବିକଳାଙ୍ଗ ହୋଇଛନ୍ତି । ତେବେ ଉଭୟଙ୍କୁ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯିବା ପାଇଁ ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ସୂଚନା ଥାଉ କି - ଉକ୍ତ ଦମ୍ପତି ଦ୍ୱୟ ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ମଧ ବଞ୍ଚିତ ହୋଇ ଏକ କୁଟା ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାଳାତିପାତ କରୁଥିବା ଦେଖା ଯାଇଛ।

## ଜାପାନରେ ଶକ୍ତିଶାଳୀ ଭୂକମ୍ପ, ଜାରି ହେଲା ସୁନାମୀ ଆଲର୍ଟ

ଟୋକିଓ: ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୪ ମାପ କରାଯାଇଛି । ଭୂକମ୍ପର କେନ୍ଦ୍ରସ୍ଥଳ ସାନରିକୁ ଉପକୂଳରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଥିବାବେଳେ ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିଲୋମିଟର ଗଭୀରରେ ଥିବା ଆକଳନ କରାଯାଇଛି । ଭୂମିକମ୍ପ ପରେ ଜାପାନରେ ହାଇ ଆଲର୍ଟ ଜାରି କରାଯାଇଛି । ଜାପାନ ପାଣିପାଗ ସଂସ୍ଥା କହିଛି, ହୋକାଇଡୋ ଏବଂ ଇୱାଟେ ପାଇଁ ପ୍ରଳୟଙ୍କରୀ ସମୁଦ୍ର ଜୁଆର ସୁନାମି ଚେତାବନୀ ଜାରି କରାଯାଇଛି । ଉଭୟ ଅଞ୍ଚଳରେ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି ।

ସାର୍ବଜନୀନ ପ୍ରସାରକ ଏନ୍‌ଏଚ୍‌କେ କହିଛି, ପାଣିପାଗ ବିଜ୍ଞାନୀମାନେ ଜାପାନର ମୁଖ୍ୟ ଦ୍ୱୀପର ଉତ୍ତର ଭାଗରେ ଅବସ୍ଥିତ ଆଓମୋରି ପ୍ରିଫେକ୍‌ଚରର ଉପକୂଳରୁ ୫୦ କିଲୋମିଟର ଦୂରରେ ସୁନାମି ଆକଳନ କରିଛନ୍ତି । ସୁନାମି ସତର୍କତା ପରେ, ସମୁଦ୍ରରେ ଥିବା ଜାହାଜଗୁଡ଼ିକୁ କୂଳକୁ ଆସିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । ଅନ୍ୟପକ୍ଷରେ, ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ପରେ ପରମାଣୁ ଶକ୍ତି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଛି । ସ୍ଥାନୀୟ ବୈଜ୍ଞାନିକମାନେ ଓନାଗାୱା ପରମାଣୁ ଶକ୍ତି କେନ୍ଦ୍ରରେ କୌଣସି ଅସ୍ୱାଭାବିକତା ଯାଞ୍ଚ କରୁଥିବା ଜଣାପଡ଼ିଛି । ଜାପାନ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ଲୋକମାନଙ୍କୁ ଉଚ୍ଚ ସ୍ଥାନକୁ ଯିବାକୁ ପରାମର୍ଶ ଦେଇଛନ୍ତି ଏବଂ ଏହି ସଙ୍କଟ ସମୟରେ ନାଗରିକମାନଙ୍କୁ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି ।

## ଓଲଟିଲା ଯାତ୍ରୀବାହୀ ବସ୍, ୧୫ ମୃତ

ଜମ୍ମୁ-କାଶ୍ମୀର : ଜମ୍ମୁ-କାଶ୍ମୀରର ଉଧମପୁର ଜିଲ୍ଲାର ରାମନଗର କଘୋଟ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୧୫ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଏଥିସହ ଅନେକ ଲୋକ ମଧ୍ୟ ଆହତ ହୋଇଛନ୍ତି । ଆଗକୁ ଆହୁରି ଆହତ ଏବଂ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି । ସୂଚନା ପାଇ ଘଟଣାସ୍ଥଳରେ ପ୍ରଶାସନ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ସୂଚନାନୁଯାୟୀ, ରାମନଗରରୁ ଉଧମପୁର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । କିନ୍ତୁ ଏହି ଘଟଣା ସମ୍ପର୍କରେ କୌଣସି ସରକାରୀ ବିବୃତି ଜାରି କରାଯାଇନାହିଁ । ଏହାରି ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ପୋଷ୍ଟ ସେୟାର କରିବା ସହ ସେ ଲେଖିଛନ୍ତି ଯେ, ‘‘ଉଧମପୁର ଡିସି ମିଙ୍ଗା ଶେର୍ପାଙ୍କ ସହ କଥା ହୋଇଛି । ମୁଁ ଜାଣିବାକୁ ପାଇଲି ଯେ ଗୋଟିଏ ଘଣ୍ଟା ପୂର୍ବରୁ କାନୋଟ ଗାଁରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ରାମନଗରରୁ ଉଧମପୁର ଯାଉଥିବା ଏକ ସାଧାରଣ ପରିବହନ ବସ୍ ସାମିଲ ଥିଲା ।’’ଏଥିସହ ଆହତଙ୍କୁ ବିମାନରେ ସ୍ଥାନାନ୍ତର କରିବାକୁ ବ୍ୟବସ୍ଥା କରାଯାଉଛି ।

## ଆମେରିକା ନୌସେନା ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ କଲା ଇରାନ

ତେହେରାନ: ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକୀୟ ସେନା ଏକ ଇରାନୀ ପତାକାଯୁକ୍ତ ବାଣିଜ୍ୟିକ ଜାହାଜକୁ ଅଟକାଇ ଜବତ କରିବାର କିଛି ଘଣ୍ଟା ପରେ ସୋମବାର ଇରାନ ଦାବି କରିଛି, ଓମାନ ସାଗରରେ ଆମେରିକୀୟ ସାମରିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ କରାଯାଇଛି । ଇତିମଧ୍ୟରେ ଦୁଇସପ୍ତାହ ପାଇଁ ଲାଗୁ ହୋଇଥିବା ଅସ୍ତ୍ରବିରତି ସମୟ ସୀମା ବୁଧବାର ଶେଷ ହେବାକୁଥିବା ବେଳେ ଉଭୟ ପକ୍ଷ ପୁଣି ଯୁଦ୍ଧମୁହାଁ ହେବାରେ ଲାଗିଛନ୍ତି । ଇରାନର ଅର୍ଦ୍ଧ-ସରକାରୀ ତସନିମ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଦିନକ ପୂର୍ବରୁ ଇରାନୀ ଜାହାଜ ଉପରେ କରାଯାଇଥିବା ଆମେରିକାର



କାର୍ଯ୍ୟାନୁଷ୍ଠାନର ପ୍ରତିଶୋଧ ସ୍ୱରୂପ ଏହି ଡ୍ରୋନ୍ ଆକ୍ରମଣ କରାଯାଇଛି । ତେହେରାନ ଦାବି କରିଛି, ଆମେରିକୀୟ ନୌସେନା ଜାହାଜ ଟାର୍ଗେଟ କରାଯାଇଛି । କିନ୍ତୁ ଆକ୍ରମଣରେ କେତେ ସଂଖ୍ୟକ ଡ୍ରୋନ୍ ବ୍ୟବହୃତ ହୋଇଛି ତଥା ଆକ୍ରମଣରେ କୌଣସି କ୍ଷତି ହୋଇଛି କି ନାହିଁ ସେ ବିଷୟରେ କୌଣସି ବିବରଣୀ ପ୍ରକାଶ କରିନାହିଁ । ଓମାନ ସାଗରରେ ଆମେରିକୀୟ ସେନା ଏକ ଇରାନୀ ମାଲବାହୀ ଜାହାଜକୁ ନିୟନ୍ତ୍ରଣ କରିବା ପରେ ଏହି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଟୌସ୍କା ନାମକ ଏହି ଜାହାଜଟି ହର୍ମୁଜ୍ ପ୍ରଣାଳୀ ନିକଟରେ ଆମେରିକା ଦ୍ୱାରା ଲଗାଯାଇଥିବା ନୌସେନା ଅବରୋଧକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରିଥିଲା । ପରେ ଏହାକୁ ଜବତ କରାଯାଇଥିଲା । ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, ଚେତାବନୀର ଜବାବ ନ ଦେବାରୁ ଆମେରିକୀୟ ମାରିନ୍ ଜାହାଜରେ ଚଢ଼ିଥିଲେ । ଜାହାଜଟି ଏବେ ସମ୍ପୂର୍ଣ୍ଣ ଭାବେ ଆମେରିକୀୟ ହେପାଜତରେ ଅଛି ଏବଂ ଯାଞ୍ଚ କରାଯାଉଛି । ପରେ ଯୁକ୍ତରାଷ୍ଟ୍ର କେନ୍ଦ୍ରୀୟ କମାଣ୍ଡ ଏହି ଅଭିଯାନକୁ ନିଶ୍ଚିତ କରି ? ଭିଡିଓ ଫୁଟେଜ୍ ଜାରି କରିଛି । ଯେଉଁଥିରେ ଆମେରିକୀୟ ନୌସେନା କର୍ମଚାରୀମାନେ ଜାହାଜକୁ ଜବତ କରୁଥିବାର ଦୃଶ୍ୟ ରହିଛି । ଇରାନ ପ୍ରଥମେ ଜାହାଜକୁ ଜବତ କରାଯାଇଥିବା କଥାକୁ ଅସ୍ୱୀକାର କରି କହିଥିଲା ଯେ, ଆମର ନୌସେନା ୟୁନିଟଗୁଡ଼ିକ ଆମେରିକୀୟ ସେନାକୁ ପଛକୁ ହଟିବାକୁ ବାଧ୍ୟ କରିଥିଲେ । ତଥାପି, ଆମେରିକୀୟ ଅଧିକାରୀମାନେ ଏହି ଅଭିଯାନକୁ ନିଶ୍ଚିତ କରିବା ପରେ ତେହେରାନ ପରେ ଏହାକୁ ସ୍ୱୀକାର କରିଥିଲା । ଇରାନୀ ସାମରିକ ଅଧିକାରୀମାନେ କହିଥିଲେ, ଜାହାଜଟି ଚୀନ୍‌ରୁ ଯାତ୍ରା କରୁଥିଲା । ଇରାନର ମିଳିତ ସାମରିକ କମାଣ୍ଡ, ଖାତମ ଅଲ-ଆନବିୟା, ଆମେରିକାର ଏଭଳି କାର୍ଯ୍ୟର ନିନ୍ଦା କରି ୱାସିଂଟନ ଲାଗୁ ହୋଇଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା କହିଛି । ଇରାନ ଏହି ଅଭିଯାନକୁ ଜଳଦସ୍ୟୁଙ୍କ କାର୍ଯ୍ୟ ବୋଲି ଦର୍ଶାଇଛି । ଜଣେ ସାମରିକ ମୁଖପାତ୍ର ଦାବି କରିଛନ୍ତି, ଆମେରିକୀୟ ସେନା ଜାହାଜ ଉପରେ ଗୁଳି ଚଳାଇଥିଲେ ଏବଂ ଜାହାଜରେ ଚଢ଼ିବା ପୂର୍ବରୁ ଏହାର ନାଭିଗେସନ୍ ସିଷ୍ଟମକୁ ଅକାମୀ କରିଦେଇଥିଲେ । ଇରାନର ସଶସ୍ତ୍ର ବାହିନୀ ଖୁବ୍ ଶୀଘ୍ର ଏହି ସଶସ୍ତ୍ର ଡକାୟତିର ଜବାବ ଦେବେ ଏବଂ ପ୍ରତିଶୋଧ ନେବ ବୋଲି ମୁଖପାତ୍ର କହିଥିଲେ । ଏହା ପରେ ଇରାନ ପକ୍ଷରୁ ଆମେରିକା ନୌସେନା ଜାହାଜ ଉପରେ ଆକ୍ରମଣ କରାଯାଇଛି ।

# ୨୪ ଘଣ୍ଟା ମଧ୍ୟରେ ପୁଣି କ୍ଲଷ୍ଟର ବୋମା କ୍ଷେପଣାସ୍ତ୍ର ପରୀକ୍ଷା କଲେ କିମ୍

ପ୍ୟୋଙ୍ଗୟାଙ୍ଗ: ଇରାନ ଏବଂ ଆମେରିକା ମଧ୍ୟରେ ଯୁଦ୍ଧବିରତି ଭଙ୍ଗ ହେବା ଏବଂ ଦ୍ୱିତୀୟ ଭୟଙ୍କର ଯୁଦ୍ଧ ହେବାର ସମ୍ଭାବନା ମଧ୍ୟରେ ଉତ୍ତର କୋରିଆ ଗତ ଦୁଇ ଦିନ ଧରି ନିରନ୍ତର ବିପଦପୂର୍ଣ୍ଣ ବାଲିଷ୍ଟିକ୍ ଏବଂ କ୍ଲଷ୍ଟର କ୍ଷେପଣାସ୍ତ୍ର ପରୀକ୍ଷଣ କରିଆସୁଛି । ରବିବାର କ୍ଷେପଣାସ୍ତ୍ର ପରୀକ୍ଷା କରିବା ପରେ ଏହା ୨୪ ଘଣ୍ଟା ମଧ୍ୟରେ ସୋମବାର ଉତ୍ତର କୋରିଆ ଲଗାତାର ଦ୍ୱିତୀୟ ଦିନ ପାଇଁ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି । ସୋମବାର ଉତ୍ତର କୋରିଆ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି । କିମ୍ ଜୋଙ୍ଗ ଉନ୍ ?ଙ୍କ ପ୍ରଶାସନ ଦାବି କରିଛି ଚଳିତ ମାସରେ ଦ୍ୱିତୀୟ ଥର ପାଇଁ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି । ଉତ୍ତର କୋରିଆର



ସରକାରୀ ସମାଚାର ଏଜେନ୍ସି, କୋରିଆନ୍ ସେଣ୍ଟ୍ରାଲ୍ ନ୍ୟୁଜ୍ ଏଜେନ୍ସି (କେସିଏନ୍‌ଏ) ରିପୋର୍ଟ କରିଛି, ରବିବାର ଦିନ ଉତ୍ତର କୋରିଆର ପୂର୍ବ ଉପକୂଳରୁ ଅନେକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା, ଯାହାକୁ ଦକ୍ଷିଣ କୋରିଆ, ଜାପାନ ଏବଂ ଆମେରିକା ଚିହ୍ନଟ କରିଥିଲେ । ଗୋଟିଏ ଦିନ ପରେ, କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି । କେସିଏନ୍‌ଏ ଚିତ୍ରଗୁଡ଼ିକରେ ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ ଉନ୍ ଏବଂ ତାଙ୍କ ଝିଅ କିମ୍ ଜୁ ଏ ଏହି ଅବସରରେ ଉପସ୍ଥିତ ଅଛନ୍ତି । ଉଭୟ କଳା ଚମଡା ଜ୍ୟାକେଟ୍ ପିନ୍ଧି କ୍ଷେପଣାସ୍ତ୍ର ପରୀକ୍ଷଣ ଦେଖୁଥିବା ଫଟୋରେ ଦେଖିବାକୁ ମିଳୁଛି । ଦକ୍ଷିଣ କୋରିଆର ଗୁପ୍ତଚର ସଂସ୍ଥା କହିଛି କିମ୍ ଝିଅ କିମ୍ ଜୁ ଏଙ୍କୁ ନିଜ ଉତ୍ତରାଧିକାରୀ ଭାବରେ ବିବେଚନା କରୁଛନ୍ତି । କେସିଏନ୍‌ଏ ଅନୁଯାୟୀ, କିମ୍ କ୍ଲଷ୍ଟର ବମ୍ ଯୁଦ୍ଧାସ୍ତ୍ର ଏବଂ ଫ୍ରାଗମେଣ୍ଟେସନ୍ ମାଇନ୍ ଯୁଦ୍ଧାସ୍ତ୍ର ବହନ କରୁଥିବା ପାଞ୍ଚଟି ଉନ୍ନତ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ହ୍ୱାସୋଙ୍ଗ-୧୧-ରା ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଉତ୍‌କ୍ଷେପଣ ତଦାରଖ କରିଛନ୍ତି । କ୍ଷେପଣାସ୍ତ୍ରଗୁଡ଼ିକ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲେ ଏବଂ କିମ୍ ଏହାକୁ ନେଇ ସନ୍ତୋଷ ପ୍ରକାଶ କରିଥିବା କୁହାଯାଉଛି । ଚଳିତ ମାସରେ ଉତ୍ତର କୋରିଆ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ସହିତ ଭୂମିରୁ ଭୂମିକୁ ନିକ୍ଷେପ କରାଯାଉଥିବା କ୍ଲଷ୍ଟର ବମ୍ ୱାରହେଡ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ହ୍ୱାସଙ୍ଗ-୧୧ ପରୀକ୍ଷଣ କରିଥିଲା । ଏହା ୬.୫ରୁ ୭ ହେକ୍ଟର (୧୬ ରୁ ୧୭.୨ ଏକର) ଅଞ୍ଚଳକୁ ପାଉଁଶ କରିପାରେ ବୋଲି କିମ୍ କହିଥିଲେ । ଉତ୍ତର କୋରିଆ ପୂର୍ବରୁ କ୍ଲଷ୍ଟର ବୋମା ଯୁଦ୍ଧାସ୍ତ୍ର ପରୀକ୍ଷଣ କରିଛି, କିନ୍ତୁ ବିଶେଷଜ୍ଞମାନେ କହୁଛନ୍ତି, ଇରାନ ଯୁଦ୍ଧ ଉତ୍ତର କୋରିଆକୁ କ୍ଲଷ୍ଟର ଯୁଦ୍ଧାସ୍ତ୍ରର ମାଲିକାନା ପ୍ରଦର୍ଶନ କରିବାକୁ ଏବଂ ଉନ୍ନତ କ୍ଲଷ୍ଟର ଯୁଦ୍ଧାସ୍ତ୍ର ବିକଶିତ କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବାକୁ ପ୍ରେରଣା ଦେଉଛି । ଚଳିତ ଯୁଦ୍ଧରେ କ୍ଲଷ୍ଟର ଯୁଦ୍ଧାସ୍ତ୍ରର ବିନାଶକାରୀ ରୂପ ଦେଖିବାକୁ ମିଳିଛି । ଇରାନକୁ ଏପରି ଅସ୍ତ୍ର ବ୍ୟବହାର କରି ଇସ୍ରାଏଲର ବାୟୁ ପ୍ରତିରକ୍ଷା ପ୍ରଣାଳୀର ମୁକାବିଲା କରିଛି ।

# ଭୋଟ୍ ନଦେଲେ ତାଲିକାରୁ କଟିଯିବ ନାଁ, ବଙ୍ଗଳାକୁ ଫେରୁଛନ୍ତି ଶ୍ରମିକ

ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ୨୦୨୬ ମଧ୍ୟରେ ଅନ୍ୟ ସହରରୁ ବେଙ୍ଗଲାକୁ ଆସୁଥିବା ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ମୁସଲିମ୍ ଭୋଟର ବହୁ ସଂଖ୍ୟାରେ ବଙ୍ଗଳାକୁ ଫେରୁଛନ୍ତି । ବିଶେଷକରି ମାଲଦା ଏବଂ ମୁର୍ଶିଦାବାଦରୁ ଆସୁଥିବା ଲୋକଙ୍କ ସଂଖ୍ୟା ଅଧିକ । ଦିଲ୍ଲୀ, ମୁମ୍ବାଇ, କେରଳ, ଚେନ୍ନାଇ ଏବଂ ସୁରଟରୁ ଲୋକମାନେ ମୁସଲିମ ବହୁଳ ଜିଲ୍ଲାଗୁଡ଼ିକରେ ଥିବା ନିଜ ଘରକୁ ଫେରୁଛନ୍ତି । ସୂଚନାନୁଯାୟୀ,ଭୋଟ ନ ଦେଲେ ସେମାନଙ୍କ ନାମ କାଟି ଦିଆଯିବ ବୋଲି ଧମକ ଦେଇ ଅନେକ ଲୋକଙ୍କୁ ବଙ୍ଗଳାକୁ ପ୍ରଲୋଭିତ କରାଯାଉଛି । ଦିଲ୍ଲୀ ଏବଂ ମୁମ୍ବାଇ ସମେତ ଅନେକ ସହରର ରେଳ ଷ୍ଟେସନଗୁଡ଼ିକ ଭିଡ଼ ଜମିଛି । ଖାସ୍ କରି ଟ୍ରେନ୍ ମାଧ୍ୟମରେ ଅନେକ ଲୋକ ବଙ୍ଗଳାକୁ ଯାତ୍ରା କରୁଛନ୍ତି । ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ରହିଛି । ଏହି ଧମକ ବଙ୍ଗଳା ବାହାରେ ରହୁଥିବା ଲୋକଙ୍କୁ ମିଳୁଛି ବୋଲି ଜଣାପଡିଛି



। ଏଥିସହ ସେମାନଙ୍କୁ କୁହାଯାଉଛି ଯେ, ଯଦି ସେମାନେ ଭୋଟ ନ ଦିଅନ୍ତି, ତେବେ ସେମାନଙ୍କ ନାମ ଲିଭାଇ ଦିଆଯିବ । ଯାହା ଆତଙ୍କର ସବୁଠାରୁ ବଡ଼ କାରଣ । ଏହି ଧମକ ଆସିବା ପରେ ବଙ୍ଗଳାବାସୀମାନେ ସେମାନଙ୍କ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଛି । ସେଥିପାଇଁ ଷ୍ଟେସନରେ ଲୋକଙ୍କ ଭିଡ଼ ଜମା ହୋଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଦିଲ୍ଲୀ, ମୁମ୍ବାଇ, କେରଳ, ଚେନ୍ନାଇ ଏବଂ ସୁରଟ ଭଳି ସହରରୁ ବଙ୍ଗଳାକୁ ଫେରୁଛନ୍ତି । ସେମାନେ ସେମାନଙ୍କର ମତାଧିକାର ପ୍ରୟୋଗ ନ କରନ୍ତି, ତେବେ ସେମାନେ ଆଧାର କାର୍ଡ/ରାସନ କାର୍ଡ ପାଇପାରିବେ ନାହିଁ, ଏବଂ ସେମାନେ ବ୍ୟାଙ୍କ ଆକାଉଣ୍ଟ ଖୋଲିପାରିବେ ନାହିଁ ବୋଲି ମଧ୍ୟ ଲୋକମାନେ ଭୟ କରୁଛନ୍ତି । ଅନ୍ୟପଟେ ଷ୍ଟେସନରେ ଲୋକଙ୍କ ଭିଡ଼ ଜମା ହୋଇଥିବାରୁ ଏହାକୁ ନିୟନ୍ତ୍ରଣ କରିବାକୁ ପୋଲିସ ଲାଠିଚାର୍ଜ କରିଥିଲା । କିଛି ଯାତ୍ରୀ ବ୍ୟାରିକେଡ୍ ଉପରେ ଚଢ଼ି ଏବଂ ଡେଇଁ ଷ୍ଟେସନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ, ଯାହା ଫଳରେ ଦଳାଚକଟା ହେବାର ଆଶଙ୍କା ସୃଷ୍ଟି ହୋଇଥିଲା । ଏହାକୁ ରୋକିବା ପାଇଁ, ପୋଲିସ ବ୍ୟାରିକେଡ୍ ଉପରେ ଲାଠିଚାର୍ଜ କରିଥିଲା ।

## ୟୁପି ନିର୍ବାଚନ ନେଇ ଅଖିଳେଶଙ୍କ ବଡ଼ ରାଜନୈତିକ ଘୋଷଣା: ଏସ୍ ?ପି-କଂଗ୍ରେସ ମେଣ୍ଟ ଲଢ଼ିବ ୨୦୨୭ ବିଧାନସଭା ନିର୍ବାଚନ

ଲକ୍ଷ୍ନୌ: ଉତ୍ତର ପ୍ରଦେଶର ରାଜନୈତିକ ଦୃଶ୍ୟପଟ ୨୦୨୭ ପାଇଁ ସ୍ଥିର ହୋଇସାରିଛି । ସମାଜବାଦୀ ପାର୍ଟି(ଏସ୍ ?ପି) ମୁଖ୍ୟ ଅଖିଳେଶ ଯାଦବ ଆଗାମୀ ସମୟରେ ରାଜ୍ୟର ରାଜନୀତି କେଉଁ ଦିଗକୁ ନେବ ତାହା ସ୍ପଷ୍ଟ କରିଦେଇଛନ୍ତି । ଅଖିଳେଶ ମଧ୍ୟ ମେଣ୍ଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ହରିୟାଣାର ରେୱାଡ଼ିରେ ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଖିଳେଶ ଯାଦବ ଦଳର ବିଜୟ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରି ଦିଲ୍ଲୀରୁ ଲକ୍ଷ୍ନୌ ପର୍ଯ୍ୟନ୍ତ ରାଜନୈତିକ ବିତର୍କକୁ ମଧ୍ୟ ଦୋହଲାଇ ଦେଇଛନ୍ତି । ବିରୋଧୀ ଏକତାକୁ ନେଇ କଳ୍ପନାଜଳ୍ପନା ଚାଲିଥିବା ସମୟରେ ମେଣ୍ଟ ସମ୍ପର୍କରେ ତାଙ୍କର ବଡ଼ ମନ୍ତବ୍ୟ ଆସିଛି । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ସମାଜବାଦୀ ପାର୍ଟି ଆସନ୍ତା ବର୍ଷ ନିର୍ବାଚନ ପରେ ଉତ୍ତର ପ୍ରଦେଶରେ କ୍ଷମତାକୁ ଏକ ବଡ଼ ପ୍ରତ୍ୟାବର୍ତ୍ତନ କରିବ । ସେ ବିଜେପିକୁ ସମାଲୋଚନା କରିବା ସହିତ ପଶ୍ଚିମବଙ୍ଗ ସମେତ ବର୍ତ୍ତମାନ ବିଧାନସଭା ନିର୍ବାଚନ ହେଉଥିବା ସମସ୍ତ ରାଜ୍ୟରେ ଏକ ଦଳର ବଡ଼ ଧରଣର ପରାଜୟ ପୂର୍ବାନୁମାନ କରିଛନ୍ତି ।

ମେଣ୍ଟର ଭବିଷ୍ୟତ ବିଷୟରେ ନେଇ ବାରମ୍ବାର ହେଉଥିବା ବିତର୍କର ଅନ୍ତ ଘଟାଇ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇଣ୍ଡିଆ ମେଣ୍ଟ ଏକଜୁଟ ରହିବ । କଂଗ୍ରେସ ସହିତ ଏସ୍ ?ପି ମେଣ୍ଟ କରି ନିର୍ବାଚନ ଲଢ଼ିବ । ମେଣ୍ଟରେ ଆସନ ଭାଗବଣ୍ଟା ଅପେକ୍ଷା ପ୍ରାର୍ଥୀଙ୍କ ଜିତିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେ ସ୍ପଷ୍ଟ କରିଛନ୍ତି, ଟିକେଟ ପ୍ରଦାନର ଆଧାର କେବଳ ପ୍ରାର୍ଥୀଙ୍କ ଜିତିବା କ୍ଷମତା ହେବ । ଏହା ସୂଚିତ କରିଛି ଯେ, ବିରୋଧୀ ଦଳ ଆଗାମୀ ନିର୍ବାଚନରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ଏଡାଇ କେବଳ ବିଜୟ ଲକ୍ଷ୍ୟ ଉପରେ ଧ୍ୟାନ ଦେବାକୁ ଚାହୁଁଛନ୍ତି । ଲକ୍ଷ୍ନୌରେ ଦଳୀୟ ମୁଖ୍ୟାଳୟରେ ଭାଷଣରେ, ଅଖିଳେଶ ଯାଦବ ବିଜେପିର କାର୍ଯ୍ୟଶୈଳୀକୁ ଟାର୍ଗେଟ କରି କହିଥିଲେ ଯେ, ବିଜେପି ଶାସକ ଦଳର ବିଭାଜନ କରିବା ପୁରୁଣା ରଣନୀତି ଉପରେ କାର୍ଯ୍ୟ ଜାରି ରଖିଛି । ବିଜେପି ପ୍ରଥମେ ଲୋକଙ୍କ ମଧ୍ୟରେ ଅବିଶ୍ୱାସର ବୀଜ ବୁଣେ ଏବଂ ପରେ ସେମାନଙ୍କୁ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ କରି ପରସ୍ପର ବିରୋଧରେ ଠିଆ କରାଉଛି । ଭୟର ବାତାବରଣ ସୃଷ୍ଟି କରିବା ବିଜେପିର ସମର୍ଥନ ହାସଲ କରିବାର ପ୍ରାଥମିକ ପଦ୍ଧତି ପାଲଟିଛି । ବିରୋଧୀ ଦଳ ଲୋକଙ୍କ ସ୍ୱର ଏବଂ ସରକାରଙ୍କ ଏହି ବିଭାଜନକାରୀ ନୀତିଗୁଡ଼ିକୁ ଲୋକଲୋଚନକୁ ଆଣିବା ପ୍ରୟାସ ଜାରି ରଖିବ । ମହିଳା ସଂରକ୍ଷଣ ବିଲ୍ ଉପରେ ଦୃଢ଼ ମତ ପ୍ରକାଶ କରି ସେ ଦାବି କରିଛନ୍ତି, ଜନଗଣନା ସମାପ୍ତ ନହେବା ପର୍ଯ୍ୟନ୍ତ ବିଲ୍ ଉପରେ ଆଲୋଚନା ଅର୍ଥହୀନ । ସେ ସିଧାସଳଖ ବିଜେପି ଉପରେ ମହିଳା ଭୋଟରଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଛନ୍ତି । ଦେଶର ମହିଳାମାନେ କ୍ରମଶଃ ସଚେତନ ହୋଇଛନ୍ତି । ମୁଦ୍ରାସ୍ଫୀତି, ଶୋଷଣ ଏବଂ ସାମାଜିକ ଚାପ ଭଳି ମୌଳିକ ସମସ୍ୟା ସହିତ ଜଡ଼ିତ ଅଧା ଜନସଂଖ୍ୟା ଏବେ ଏପରି ବିଭାଜନକାରୀ ରାଜନୀତିର ଜବାବ ଦେବେ । ଅଖିଳେଶଙ୍କ ଏହି ବକ୍ତବ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ, ସେ ସାମାଜିକ ଏବଂ ରାଜନୈତିକ ଉଭୟ କ୍ଷେତ୍ରରେ ୨୦୨୭ ନିର୍ବାଚନ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।

## ବାପା ସାଜିଲେ ହତ୍ୟାକାରୀ: ଗୁଳି କରି ଶୋଇଥିବା ୮ ପିଲାଙ୍କର ନେଲେ ଜୀବନ

ୱା ?ସିଂଟନ: ଆମେରିକାର ଲୁଇସିଆନାର ଶ୍ରେଭପୋର୍ଟରେ ଏକ ଦୁଃଖଦ ଘଟଣା ଘଟିଛି । ଜଣେ ବ୍ୟକ୍ତି ଗୁଳି କରି ଆଠ ଜଣ ପିଲାଙ୍କୁ ହତ୍ୟା କରିଛନ୍ତି । ରିପୋର୍ଟ ହୋଇଛି, ଏହି ପିଲାମାନଙ୍କ ମଧ୍ୟରୁ ସାତ ଜଣ ତାଙ୍କର ନିଜ ପିଲା ଥିଲେ । ଅଷ୍ଟମ ପିଲା ତାଙ୍କର ପୁତୁରା ଥିଲେ । ମୃତକଙ୍କ ମଧ୍ୟରୁ ପାଞ୍ଚ ଜଣ ଝିଅ ଏବଂ ତିନି ଜଣ ପୁଅ ଅଛନ୍ତି । ବ୍ୟକ୍ତି ଜଣକ ଗୁଳି ଚଳାଇବା ସମୟରେ ପିଲାମାନେ ନିଦରେ ଶୋଇଥିଲେ । ମୃତ ପିଲାଙ୍କର ବୟସ ୧ ରୁ ୧୪ ବର୍ଷ ମଧ୍ୟରେ ଥିବା ଜଣାପଡ଼ିଛି । ପୁଲିସର ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୬ଟା ସମୟରେ ଏହି ଆକ୍ରମଣ ଘଟିଥିଲା । ଅଭିଯୁକ୍ତର ତାଙ୍କ ସ୍ତ୍ରୀ ସହିତ ଝଗଡ଼ା ହୋଇଥିଲା, ଯାହା ପରେ ସେ କ୍ରୋଧିତ ହୋଇ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲା । ସମ୍ପୂର୍ଣ୍ଣ ଘଟଣା ଦୁଇଟି ପୃଥକ ଘରେ ଘଟିଥିଲା । ସେ ପ୍ରଥମେ ଗୋଟିଏ ଘରେ ଗୁଳି ଚଳାଇଥିଲେ ଏବଂ ପରେ ଅନ୍ୟ ଏକ ଘରକୁ ଯାଇ ପିଲାମାନଙ୍କୁ ଆକ୍ରମଣ କରିଥିଲେ । ଦ୍ୱିତୀୟ ଘରେ ସାତ ଜଣ ପିଲାଙ୍କ ମୃତ୍ୟୁ ହୋଇଥିଲା । ଜୀବନ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ ଜଣେ ପିଲାଙ୍କୁ ସେ ଘରର ଛାତ ଉପରେ ଗୁଳି କରିଥିଲେ । ଆଉ ଜଣେ ପିଲା ଜୀବନ ବଞ୍ଚାଇବା ପାଇଁ ଛାତରୁ ଡେଇଁ ପଡ଼ି ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୩୨ ବର୍ଷୀୟ ଶାମାର ଏଲକିନ୍ସ ଭାବରେ ଚିହ୍ନଟ କରାଯାଇଛି, ସେ ଜଣେ ଅବସରପ୍ରାପ୍ତ ସେନା ସୈନିକ । ଘଟଣା ପରେ ସେ ଏକ କାର ଚୋରି କରି ପଳାଇବାକୁ ଚେଷ୍ଟା କରିଥିଲେ । ପୁଲିସ ତାଙ୍କୁ ବୋଜିଅର ପାରିସ ପର୍ଯ୍ୟନ୍ତ ପିଛା କରି ଗୁଳି କରି ହତ୍ୟା କରିଥିଲା । ପ୍ରାଥମିକ ତଦନ୍ତରୁ ଏହା ଏକ ଘରୋଇ ହିଂସା ମାମଲା ବୋଲି ବିବେଚନା କରାଯାଉଛି । ପୁଲିସର ଏଲକିନ୍ସଙ୍କ ପତ୍ନୀଙ୍କର ଚାରି ଜଣ ସନ୍ତାନ ଥିବାବେଳେ ପାଖରେ ରହୁଥିବା ଅନ୍ୟ ଜଣେ ମହିଳାଙ୍କର ତିନି ଜଣ ପିଲା ଥିଲେ । ଘଟଣା ସମୟରେ ସମସ୍ତ ପିଲା ଗୋଟିଏ ଘରେ ଥିଲେ । ଆକ୍ରମଣରେ ତାଙ୍କ ସ୍ତ୍ରୀ ଏବଂ ଅନ୍ୟ ମହିଳା ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ପରିବାରର ଜଣେ ସଦସ୍ୟ କହିଛନ୍ତି ଯେ ଏଲକିନ୍ସ ଏବଂ ତାଙ୍କ ସ୍ତ୍ରୀ ଅଲଗା ହେବାକୁ ଯାଉଥିଲେ ଏବଂ ଏ ବିଷୟରେ ଯୁକ୍ତିତର୍କ କରୁଥିଲେ । ସେମାନଙ୍କର କୋର୍ଟ ଶୁଣାଣି ମଧ୍ୟ ସ୍ଥିର ହୋଇଥିଲା । ପୁଲିସ କହିଛି, ଏଲକିନ୍ସଙ୍କୁ ପୂର୍ବରୁ ୨୦୧୯ ରେ ଅସ୍ତ୍ରଶସ୍ତ୍ର ସମ୍ବନ୍ଧୀୟ ଅପରାଧ ପାଇଁ ଗିରଫ କରାଯାଇଥିଲା, କିନ୍ତୁ ଘରୋଇ ହିଂସାର କୌଣସି ପୂର୍ବ ରେକର୍ଡ ନଥିଲା ।

# ଦ୍ୱିତୀୟ ବିବାହ କରିଥିଲେ ବି ପ୍ରଥମ ସ୍ୱାମୀଙ୍କ ମୃତ୍ୟୁର ଦୁର୍ଘଟଣା କ୍ଷତିପୂରଣ ପାଇବାକୁ ସ୍ତ୍ରୀ ହକଦାର୍

ହାଇଦ୍ରାବାଦ: ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତେଲେଙ୍ଗାନା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ସଡ଼କ ଦୁର୍ଘଟଣାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କୁ ମିଳୁଥିବା କ୍ଷତିପୂରଣରେ ଦ୍ୱିତୀୟ ବିବାହ ବାଧକ ହେବ ନାହିଁ । ବିଚାରପତି ଏମଜି ପ୍ରିୟଦର୍ଶିନୀ କହିଛନ୍ତି, ଯଦି ମହିଳାଙ୍କ ମୃତ ସ୍ୱାମୀ ବଞ୍ଚିଥାନ୍ତେ, ତେବେ ତାଙ୍କର ପୁନଃବିବାହର ପ୍ରଶ୍ନ ଉଠୁନଥାନ୍ତା । ସ୍ୱାମୀଙ୍କ ମୃତ୍ୟୁ ପରେ ଜଣେ ମହିଳା ଯେଉଁ ମାନସିକ ଏବଂ ଆର୍ଥିକ କ୍ଷତି ସହିଥାନ୍ତି ତାହା ପୁନଃବିବାହ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପୂରଣ କରାଯାଇପାରିବ ନାହିଁ । ହାଇକୋର୍ଟ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ, ପୁନଃବିବାହ ପରେ ମଧ୍ୟ ଜଣେ ମହିଳା ସମାଜରେ ପୂର୍ବ ପରି ସୁରକ୍ଷା ଏବଂ ସାମାଜିକ ସ୍ଥିତିରେ ସମସ୍ୟାରେ ରହିଥାନ୍ତି । ତେଣୁ ତାଙ୍କର କ୍ଷତିପୂରଣ ପାଇବାର ଅଧିକାର ବଜାୟ ରହିବ ।

ହାଇକୋର୍ଟ କହିଛନ୍ତି ଯେ ମୋଟରଯାନ ଆଇନର ଧାରା ୧୬୬ ଅନୁଯାୟୀ, ମୃତ ସ୍ୱାମୀଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ କ୍ଷତିପୂରଣ ପାଇବାକୁ ସ୍ତ୍ରୀ ହକଦାର୍ । ମହିଳାଙ୍କ ପୁନଃବିବାହ ଉପରେ ଏହି ଅଧିକାର ହରାଇବାର କୌଣସି ସ୍ଥାନରେ ବ୍ୟବସ୍ଥା ନାହିଁ । ହାଇକୋର୍ଟ ସ୍ପଷ୍ଟ କରିଛନ୍ତି, ପୁନଃବିବାହ ଦାବି ପାଇଁ ପ୍ରତିବନ୍ଧକ ହୋଇପାରିବ ନାହିଁ, ଏବଂ



ବିଧବାଙ୍କ ଅଧିକାର ଆଇନ ଅନୁଯାୟୀ ସୁରକ୍ଷିତ ବୋଲି ଏକ ମାମଲାର ବିଚାର ହାଇକୋର୍ଟ କହିଛନ୍ତି । ଏହି ମାମଲା ୨୦୦୦ ମସିହାରେ ହୋଇଥିବା ଏକ ସଡ଼କ ଦୁର୍ଘଟଣାରେ ନାଗରାଜୁଙ୍କ ମୃତ୍ୟୁ ସହିତ ଜଡିତ । ତାଙ୍କ ପତ୍ନୀ ଏବଂ ମା’ ପୃଥକ ପୃଥକ କ୍ଷତିପୂରଣ ଆବେଦନ ଦାଖଲ କରିଥିଲେ । ମୋଟର ଦୁର୍ଘଟଣା ଟ୍ରିବ୍ୟୁନାଲ୍ ମା’’’’ଙ୍କ ପାଇଁ ୪ ଲକ୍ଷ ୨୦ ହଜାର ଟଙ୍କା ଏବଂ ସ୍ତ୍ରୀଙ୍କ ୨ ଲକ୍ଷ ଟଙ୍କା ଦାବି କରିଥିଲେ । ମୃତ ନାଗରାଜୁଙ୍କ ମା’ ତାଙ୍କ ବୋହୂଙ୍କ ଦାବିକୁ ଚ୍ୟାଲେଞ୍ଜ କରି ତେଲେଙ୍ଗାନା ହାଇକୋର୍ଟରେ ଆବେଦନ କରିଥିଲେ । ସେ ଯୁକ୍ତି ଦେଇଥିଲେ ଯେ, ତାଙ୍କ ବୋହୂ ସ୍ୱାମୀ ମୃତ୍ୟୁର ୧୦ ମାସ ମଧ୍ୟରେ ପୁନଃବିବାହ କରିଥିଲେ ଏବଂ ତାଙ୍କୁ ଆଉ ଏହି ଦାବି ପାଇଁ ହକଦାର କରାଯିବା ଉଚିତ୍ ନୁହେଁ । ସ୍ତ୍ରୀ ମୃତକଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀ କ୍ଷତିପୂରଣ ପାଇବାକୁ ହକଦାର୍ କହି ହାଇକୋର୍ଟ ମା’ଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି ।

# ଲକ୍ଷ୍ନୌକୁ ହରାଇ ଶୀର୍ଷରେ ପଞ୍ଜାବ କିଙ୍ଗ୍ସ

ନ୍ୟୁ ଚଣ୍ଡିଗଡ,୨୦।୪: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୯ତମ ସଂସ୍କରଣର ୨୯ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ବିଜୟୀ ହୋଇଛି। ଲକ୍ଷ୍ନୌ ଟିମ୍‌କୁ ୫୪ ରନ୍‌ରେ ପରାସ୍ତ କରିଛି। ଲକ୍ଷ୍ନୌ ଟିମ୍ ୫ଟି ୱିକେଟ୍ ହରାଇ ୨୦୦ ରନ୍ ସଂଗ୍ରହ କରିଛି। ଏଥି ସହିତ ଚଳିତ ଆଇପିଏଲ୍ ସଂସ୍କରଣରେ ପଞ୍ଜାବର ବିଜୟଧାରା ଜାରି ରହିଛି। ପଞ୍ଜାବ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଥିବା ବେଳେ ୫ଟିରେ ବିଜୟ ହାସଲ କରିଛି। ବର୍ଷା ଯୋଗୁଁ କୋଲକାତା ସହିତ ମ୍ୟାଚ୍ ବାତିଲ ହୋଇଥିଲା।

୨୫୫ ରନ୍‌ର ଲକ୍ଷ୍ୟ ନେଇ ଲକ୍ଷ୍ନୌ ବ୍ୟାଟିଂ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ଏବଂ ଆୟୁଷ ବଦୋନି ପ୍ରଥମ ୱିକେଟ୍ ପାଇଁ ୬୧ ରନ୍‌ର ଭାଗିଦାରୀ କରିଥିଲେ। ବଦୋନି ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୩୫ ରନ୍ କରିଥିଲେ। ସେ ୨୧ଟି ବଲ୍ ଖେଳି ୫ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ।

ମିଚେଲ ମାର୍ଶଙ୍କ ୱିକେଟ ଭାବେ ଲକ୍ଷ୍ନୌକୁ ଦ୍ୱିତୀୟ ଝଟକା ଲାଗିଥିଲା। ୟୁଜବେନ୍ଦ୍ର ଚହଲଙ୍କ ବଲ୍ ଜାଭିୟର ବାର୍ଟଲେଟଙ୍କୁ କ୍ୟାଚ୍ ଦେଇ ମାର୍ସ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୨୮ଟି ବଲ୍ ସାମ୍ନା କରିଥିଲେ, ଯେଉଁଥିରୁ ସେ ୩ଟି ଚେକା ଏବଂ ୨ଟି ଛକା ବଳରେ ୪୦ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଋଷଭ ପନ୍ତ ୨୩ଟି ବଲ୍ ସାମ୍ନା କରି ୪୩ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ଗୋଟିଏ ଚେକା ଏବଂ ୪ଟି ଛକା ସାମିଲ କରିଥିଲେ। ନ୍ୟୁ ଚଣ୍ଡିଗଡର ମୁଲ୍ଲାନପୁରସ୍ଥିତ ଯଦବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ରବିବାର ପଞ୍ଜାବ




କିଙ୍ଗ୍ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜଏଣ୍ଟସ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଫଳରେ ପଞ୍ଜାବକୁ ବ୍ୟାଟିଂ କରିବାକୁ ପଡିଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୨୫୪ ରନ୍ ସଂଗ୍ରହ କରିଥିଲା। ପଞ୍ଜାବ ପାଇଁ ପ୍ରାରମ୍ଭିକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟା ଏବଂ ପ୍ରଭସିମରନ ଇନିଂସ ଆରମ୍ଭ କରିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ନୈରାଶ୍ୟଜନକ ଥିଲା। ସ୍କୋର ୩ ରନ୍‌ରେ ପଞ୍ଜାବକୁ ପ୍ରଥମ ଝଟକା ଲାଗିଥିଲା ଏବଂ ପ୍ରଭସିମରନ ଗୋଟିଏ ବଲ୍ ସାମ୍ନା କରି ଖାତା ଖୋଲି ନପାରି ଆଉଟ୍ ହୋଇଥିଲେ। ପ୍ରଭସିମରନଙ୍କ ଆଉଟ୍ ପରେ ତାଙ୍କର ସ୍ଥାନ ପୂରଣ କରିବାକୁ ପଡିଆ ଭିତରକୁ ପ୍ରବେଶ କରିଥିଲେ। କୋପର କନୋଲି, ଯିଏକି ପ୍ରିୟାଂଶଙ୍କ ସହିତ ଦ୍ୱିତୀୟ ୱିକେଟ୍‌ରେ ୧୮୨ ରନ୍‌ର ବିଶାଳ ଭାଗିଦାରୀ କରିଥିଲେ। କୋପର ଆଉଟ୍ ହୋଇ ପାଭିଲିଅନ୍ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୮୭ ରନ୍ ସଂଗ୍ରହ କରିଥିଲେ। ସେ ୪୬ଟି ବଲ୍ ଖେଳି ୮ଟି ଚେକା ଏବଂ ୭ଟି ଛକା ମାରିଥିଲେ। ପଞ୍ଜାବ ତୃତୀୟ ୱିକେଟ୍ ଭାବେ ପ୍ରିୟାଂଶଙ୍କୁ ହରାଇଥିଲା, ଯିଏକି ଏକାକୀ ୯୩ ରନ୍ କରିଥିଲେ। ସେ ୩୭ଟି ବଲ୍‌ର ସାମ୍ନା କରି ୪ଟି ଚେକା ଏବଂ ୯ଟି ଛକା ବର୍ଷା କରିଥିଲେ। ଅନ୍ତିମ କ୍ରମର ବ୍ୟାଟରମାନେ ପଡିଆରେ କମ ସମୟ ରହିଥିଲେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ମାର୍କସ ଷ୍ଟୋଇନିସ ୧୬ଟି ବଲ୍‌ରୁ ୨୯ ରନ୍, ନେହାଲ ୱାଧେରା ୭ଟି ବଲ୍‌ରୁ ୧୩ ରନ୍ ଏବଂ ଶଶାଙ୍କ ସିଂହ ୬ଟି ବଲ୍‌ରୁ ୧୭ ରନ୍ କରିଥିଲେ। ଲକ୍ଷ୍ନୌ ପାଇଁ ପ୍ରିନ୍ସ ଯାଦବ ଏବଂ ମଣିମାରନ ସିଦ୍ଧାର୍ଥ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ମହମ୍ମଦ ସାମି ଏବଂ ମୋହସିନ ଖାନ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

## ଶିବସେନା କ୍ଲବ ପକ୍ଷରୁ ରାତ୍ର କାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କେନ୍ଦ୍ରାପଡା-୨୦।୦୪: କେନ୍ଦ୍ରାପଡ଼ା ସହର ସର୍ବପୁରାତନ କ୍ଲବ ସୁପରିଚିତ ଶ୍ରୀ ଶ୍ରୀ ଶିବସେନା କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୧୬ ଗୋଟି କ୍ରିକେଟ ଟିମ ମଧ୍ୟରେ ଏକ ରାତ୍ର କାଳିନ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ଟିମ ଗୁଡିକ ପରସ୍ପର ମଧ୍ୟରେ ଆଠଟି ଲିଗ ମ୍ୟାଚ୍ ଖେଳିଥିଲେ,ଫାଇନାଲ ମ୍ୟାଚ୍‌କୁ



ଜଗସିଂହପୁର ନୂଆ ପୋଖରୀ ଏକାଦଶ ଏବଂ କେନ୍ଦ୍ରାପଡ଼ା ବାଲାବାବା ଏକାଦଶ ଉତୀର୍ଣ୍ଣ ହୋଇଥିଲେ ଓ ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିବା ବେଳେ ବାଜିମାରିନେଇଥିଲା ଜଗସିଂହପୁର ନୂଆ ପୋଖରୀ ଏକାଦଶ ଓ ଶିବସେନା କ୍ଲବ ପକ୍ଷରୁ ନଗଦ ୨୦,୦୦୦ ଟଙ୍କା ବିଜେତା ଟିମ କୁ ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ବାଲାବାବା ଏକାଦଶକୁ ୧୫,୦୦୦ ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା ଓ ଟୁର୍ଣ୍ଣାମେଣ୍ଟ ରେ ଭଲ ସ୍କର କରିଥିବା ବ୍ୟାଟ୍ସମ୍ୟାନ ବାବୁଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ସଂମ୍ମାନରେ ସଂମ୍ମାନିତ କରାଯାଇଥିଲା ଓ ଏହି ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ପଟ୍ଟାମୁଣ୍ଡାଇରୁ ଆସିଥିବା ଡ୍ୟାନସିଂହ ଅମ୍ପେୟାର ତାଙ୍କର ବ୍ୟଙ୍ଗାତ୍ମକ ନୃତ୍ୟ ଏବଂ ବ୍ୟଙ୍ଗାତ୍ମକ ଇଙ୍ଗିତ ଯାହା ଖେଳରେ ରୋମାଞ୍ଚକ ବଢାଇବା ସହ ଖେଳ ଦେଖୁଥିବା ଦର୍ଶକମାନଙ୍କୁ ପଡିଆରେ ବାନ୍ଧି ରଖିଥିଲା ଓ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବ ନେତା ରାଜେଶ ଦାସ,କାଉଁସିଲର ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ଓ କ୍ରିକେଟ ଏକ ଏହିପରି ଖେଳ ଯାହା ପରସ୍ପର ମଧ୍ୟରେ ଥିବା ଦୂରତାକୁ କମ କରିବା ସହ ପରସ୍ପର ପ୍ରତି ସଂମ୍ମାନ ବଢ଼ାଇ ଥାଏ ଓ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜକ ଶିବସେନା କ୍ଲବ ସଭାପତି ଭୁବନ ମୋହନ ଦାସ, ସମ୍ପାଦକ ପ୍ରତାପ କୁମାର ମହାନ୍ତି, ନିରାକାର ଲେଙ୍କା, ପ୍ରମୁଖ ଖେଳକୁ ସୁନ୍ଦର ଭାବରେ ପରିଚାଳନା କରିଥିଲେ।

# ଭାରତ ମୋତେ ନାଗରିକତା ଯାଚିଥିଲା : ରସିଦ୍

ନୂଆଦିଲ୍ଲୀ,୨୦।୪: ଆଫଗାନିସ୍ତାନ ଅଲ୍‌ରାଉଣ୍ଡର୍ ରସିଦ୍ ଖାଁଙ୍କୁ ନେଇ ଏକ ରୋଚକ କଥା ଜଣାପଡ଼ିଛି। ତାଙ୍କୁ ଭାରତ ଓ ଅଷ୍ଟ୍ରେଲିଆ ନାଗରିକତା ଯାଚି ଥିଲେ, କିନ୍ତୁ ତାହାକୁ ସେ ଖାରଜ କରିଦେଇଥିବା ପ୍ରକାଶ କରିଛନ୍ତି। ଉଭୟ ଭାରତ ଓ ଅଷ୍ଟ୍ରେଲିଆଠାରୁ ନାଗରିକତା ଲାଗି ପ୍ରସ୍ତାବ ମିଳିଥିଲା। ସୋମବାର ପ୍ରକାଶ ପାଇବାକୁ ଥିବା ରସିଦ୍‌ଙ୍କ ଜୀବନୀ 'ରସିଦ୍ ଖାଁ: ଫ୍ରମ୍ ଷ୍ଟ୍ରିଟ୍ ଟୁ ଷ୍ଟାରଡମ୍' ରେ ଏ ନେଇ ଉଲ୍ଲେଖ ରହିଛି। ଏହି ପୁସ୍ତକର ଲେଖକ ମହମ୍ମଦ ହାନ୍ଦ୍ ଜାଫରଙ୍କୁ ସେ କହିଛନ୍ତି ଯେ ତାଙ୍କୁ ଉଭୟ ଭାରତ ଓ ଅଷ୍ଟ୍ରେଲିଆଠାରୁ ନାଗରିକତା ଲାଗି ପ୍ରସ୍ତାବ ମିଳିଥିଲା। କିନ୍ତୁ ତାହାକୁ ସେ ଖାରଜ କରିଦେଇଥିଲେ ଓ କହିଥିଲେ ଯେ ଯଦି ସେ ଆଫଗାନିସ୍ତାନ ପାଇଁ ଖେଳିବେ ନାହିଁ, ଅନ୍ୟ କୌଣସି ଦେଶ ପାଇଁ ବି ଖେଳିବେ ନାହିଁ।

ସେ କହିଛନ୍ତି, ୨୦୨୩ ଆଇପିଏଲ୍ ସମୟରେ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀଙ୍କୁ ଭେଟିବାକୁ ସେ ଯାଇଥିଲେ।



ଏହି ସମୟରେ ଉକ୍ତ ଅଧିକାରୀ ତାଙ୍କୁ କହିଥିଲେ, " ତୁମ ଦେଶ ଆଫଗାନିସ୍ତାନରେ ପରିସ୍ଥିତି ଭଲ ନାହିଁ। ଭାରତକୁ ଆସ, ଏଠାରୁ ବସବାସ କର ଓ ଖେଳ। ଆମେ ତୁମକୁ ସବୁ କାଗଜପତ୍ର ପ୍ରଦାନ କରିବୁ।'' ଏହି ପ୍ରସ୍ତାବ ଶୁଣି ରସିଦ୍ ଚକିତ ହୋଇଯାଇଥିଲେ, କହିଥିଲେ, " ଧନ୍ୟବାଦ! କିନ୍ତୁ ମୁଁ ମୋ ଦେଶ ଆଫଗାନିସ୍ତାନ ପାଇଁ ଖେଳୁଛି'' ।ତେବେ ଅଷ୍ଟ୍ରେଲିଆ, କେବେ ତାଙ୍କୁ ନାଗରିକତା ଯାଚିଥିଲା ସେ ସମ୍ପର୍କରେ ଏହି ଲୋକପ୍ରିୟ ଆଫଗାନ ଖେଳାଳି ଅଧିକ ସୂଚନା ପ୍ରଦାନ କରିନାହାନ୍ତି।

## କୋହଲି, ଗେଲ୍‌ଙ୍କୁ ଟପିଲେ ବାବର

ଲାହୋର: ପାକିସ୍ତାନୀ ବ୍ୟାଟର୍ ବାବର ଆଜମ ଦୀର୍ଘ ୭୮୩ ଦିନ ପରେ ଟ୍ୱେଣ୍ଟି-୨୦ରେ ଶତକ ଅର୍ଜନ କରିଛନ୍ତି। ରବିବାର ପିଏସଏଲ୍‌ରେ ଖେଳାଯାଇଥିବା ପେଶାୱର ଜାଲମୀ ଓ କ୍ୱେଟା ଗ୍ଲାଡିଏଟର୍ସ ମଧ୍ୟରେ ହୋଇଥିବା ମ୍ୟାଚ୍‌ରେ ବାବର ୫୨ ବଲ୍‌ରୁ ୧୦୦ ରନ୍ କରିବା ସହ ଟ୍ୱେଣ୍ଟି-୨୦ରେ ୧୨ ହଜାର ରନ୍ ପୂରଣ କରିଛନ୍ତି। ସେ ୩୩୮ ପାଳିରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହା ସହିତ ସେ ବିରାଟ କ୍ରିସ୍ ଗେଲ୍ ଓ ବିରାଟଙ୍କ କୀର୍ତ୍ତିମାନକୁ ଟପିଯାଇଛନ୍ତି। ଗେଲ୍ ୩୪୪ ପାଳିରେ ୧୨ ହଜାର ରନ୍ ଅତିକ୍ରମ କରିଥିବାବେଳେ ବିରାଟ ୩୬୦ ପାଳିରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଥିଲେ। ଏହି ଶତକ ବାବରଙ୍କ ୧୨ତମ ଟ୍ୱେଣ୍ଟି-୨୦ ଶତକ । ଟ୍ୱେଣ୍ଟି-୨୦ରେ ସର୍ବାଧିକ ଶତକ ମାରିବାର କୀର୍ତ୍ତିମାନ କ୍ରିସ୍ ଗେଲ୍‌ଙ୍କ ନାମରେ ରହିଛି, ଯିଏକି ୨୨ଟି ଶତକ ଅର୍ଜନ କରିଥିଲେ। ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି ବାବର। ଏହି ମ୍ୟାଚ୍‌ରେ ପେଶାୱର ଜାଲମୀ ୧୧୮ ରନ୍‌ରେ ବିଜୟୀ ହୋଇଥିଲା।

### ପାରାଦୀପ ବନ୍ଦର ଆନ୍ତଃ-ବିଭାଗ ଓ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ବନ୍ଦର ଇଞ୍ଜିନିୟରିଂ ବିଭାଗ ଓ ଇଫକୋ ଚମ୍ପିୟନ






ପାରାଦୀପ୨୦।୪:- ପାରାଦୀପ ବନ୍ଦର ପ୍ରାଧିକରଣ ଆନୁକୂଲ୍ୟରେ ଷଷ୍ଠ ଆନ୍ତଃ-ବିଭାଗ ଏବଂ ପଞ୍ଚମ କର୍ପୋରେଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ.କେ.ବୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକ, କୃତି ଖେଳାଳି ଓ ଦଳ କୁ ଉତ୍ସାହିତ କରିଥିଲେ । ଏହି ଅବସରରେ, ବିଜେତା, ଉପବିଜେତା ଓ ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନକାରୀ ମାନଙ୍କୁ ଟ୍ରଫି, ପଦକ ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା।

ବନ୍ଦର ଆନ୍ତଃବିଭାଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରେ, ପାରାଦୀପ ବନ୍ଦରର ଇଞ୍ଜିନିୟରିଂ ବିଭାଗ ୧୫ ଓଭରରେ ୧୧୨/୮ ରନ୍ କରିଥିଲା। ଟାର୍ଗେଟକୁ ପିଛା କରି, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ବିଭାଗ ୧୫ ଓଭରରେ ୯୩/୯ ରନ୍ କରିଥିଲା। ଇଞ୍ଜିନିୟରିଂ ବିଭାଗ ୧୯ ରନ୍ ରେ ବିଜୟ ହାସଲ କରି ଚାମ୍ପିଅନସିପ୍ ଟ୍ରଫି ହାସଲ କରିଥିଲା।

ସେହିପରି କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ, ପାରାଦୀପ ପୋର୍ଟ ଅଥରିଟି ଏବଂ ଇଫକୋ ଉଭୟ ସମାନ ସ୍କୋରରେ ଶେଷ ହୋଇ ଏକ ରୋମାଞ୍ଚକର ସୁପର ଓଭରରେ ଇଫକୋ ମ୍ୟାଚ୍ ଜିତି ଚମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ତଥା ପାରାଦୀପ ବନ୍ଦର ମୁଖ୍ୟ ଯନ୍ତ୍ରୀ ଏଚ୍.ଏସ. ରାଉତ ଏବଂ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ତଥା ବରିଷ୍ଠ ଉପ-ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁର୍ଗା ପ୍ରସାଦ ସେଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ସମସ୍ତ ଅଂଶଗ୍ରହଣକାରୀ ଦଳ, ଆୟୋଜକ ଏବଂ ସମର୍ଥକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପୁଣି ପ୍ରେମାନନ୍ଦ ଜୀ ମହାରାଜଙ୍କ ଶରଣରେ ବିରୁଷ୍କା

ନୂଆଦିଲ୍ଲୀ,୨୦।୪: ଆଇପିଏଲ୍ ୨୦୨୬ରେ ଚମତ୍କାର ପ୍ରଦର୍ଶନ କରୁଥିବା ଜଉଇର କିମ୍ବଦନ୍ତୀ ବ୍ୟାଟସମ୍ୟାନ ବିରାଟ କୋହଲି ଓଚଖ ମଝିରୁ ସମୟ ବାହାର କରି କୋହଲି ସ୍ତ୍ରୀ ଅନୁଷ୍କାଙ୍କ ସହିତ ଅକ୍ଷୟ ତୃତୀୟାରେ ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଛନ୍ତି। ଉଭୟ ପ୍ରେମାନନ୍ଦ ଜୀ ମହାରାଜଙ୍କ ରାଧା କେଳି କୁଞ୍ଜ ଆଶ୍ରମ ପରିଦର୍ଶନ କରିଥିଲେ ଏବଂ ଆଧ୍ୟାତ୍ମିକ ମାର୍ଗଦର୍ଶନ ପାଇଥିଲେ।



ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ପ୍ରେମାନନ୍ଦ ଜୀ ମହାରାଜଙ୍କ ଆଶୀର୍ବାଦ ପାଇବା ପାଇଁ ବୃନ୍ଦାବନର 'ଶ୍ରୀହିତ ରାଧା କେଳି କୁଞ୍ଜ' ଆଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ସେମାନେ ମହାରାଜ ଜୀଙ୍କ ଆଧ୍ୟାତ୍ମିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଭିଡିଓରେ ଦମ୍ପତି ଭକ୍ତଙ୍କ ମଧ୍ୟରେ ବସି ଶାନ୍ତିପୂର୍ଣ୍ଣ ଭାବରେ ଗୁରୁଙ୍କ ପ୍ରବଚନ ଶୁଣୁଥିବା ଦେଖାଯାଇଥିଲା।ବିରୁଷ୍କା ଅକ୍ଷୟ ତୃତୀୟାର ବିଶେଷ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ଭକ୍ତି ସହିତ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ସମୟରେ କିଙ୍ଗ କୋହଲି ଏବଂ ଅନୁଷ୍କା ବେକରେ ତୁଳସୀ ମାଳା ପିନ୍ଧିଥିବାର ଦେଖାଯାଇଛି।

ବିରାଟ ଏବଂ ଅନୁଷ୍କାଙ୍କ ଜୀବନରେ ଆଧ୍ୟାତ୍ମିକତାର ପ୍ରଭାବ କ୍ରମାଗତ ଭାବରେ ବୃଦ୍ଧି ପାଉଛି। କୋହଲି ଏବଂ ଅନୁଷ୍କା ଗତ ପାଞ୍ଚ ମାସରେ ତୃତୀୟ ଥର ପାଇଁ ବୃନ୍ଦାବନ ଯାଇଥିଲେ। ପୂର୍ବରୁ, ୨୦୨୬ରେ ସେମାନେ ପୁଅ ଅକାୟଙ୍କ ଜନ୍ମଦିନ ପରେ ଆଶୀର୍ବାଦ ନେବାକୁ ବୃନ୍ଦାବନ ଯାଇଥିଲେ। କିଙ୍ଗ କୋହଲିଙ୍କ ନିକଟରେ ସୋସିଆଲ ମିଡିଆରେ ଏକ ଛୋଟ ବିବାଦର ସମ୍ମୁଖୀନ ହେଉଛନ୍ତି। ଜର୍ମାନ ପ୍ରଭାବଶାଳୀ 'ଲିଜଲାଜ'ଙ୍କ ପୋଷ୍ଟରେ କୋହଲିଙ୍କ ଲାଇକର ସ୍କ୍ରିନସଟ ଭାଇରାଲ ହେବାପରେ ସେ ଟ୍ରୋଲ ହୋଇଥିଲେ। ଏହି ବିବାଦ ମଧ୍ୟରେ କୋହଲି ପ୍ରେମାନନ୍ଦ ମହାରାଜଙ୍କ ପାଖକୁ ଯାଇ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି।

## ଆସନ୍ତା ସପ୍ତାହରେ ଧୋନିଙ୍କ ପ୍ରତ୍ୟାବର୍ତ୍ତନ !

ଚେନ୍ନାଇ: ଚଳିତ ଆଇପିଏଲ୍ ଋତୁରେ ଏପର୍ଯ୍ୟନ୍ତ ଚେନ୍ନାଇ ସୁପର୍ କିଙ୍ଗ୍ସ ପାଞ୍ଚଟି ମ୍ୟାଚ୍ ଖେଳିସାରିଥିଲେ ବି ମହେନ୍ଦ୍ର ସିଂ ଧୋନି ଗୋଟିଏ ବି ମ୍ୟାଚ୍ ଖେଳିନାହାନ୍ତି। ତେବେ ସିଏସ୍‌କେ ପ୍ରଶଂସକଙ୍କ ପାଇଁ ଖୁସି ଖବର ଯେ ଆସନ୍ତା ସପ୍ତାହରେ ଧୋନି ଦଳକୁ ଫେରିବାର ସମ୍ଭାବନା ରହିଛି। ସେ ସମ୍ଭବତଃ ଏପ୍ରିଲ ୨୩ରେ ୱାଙ୍ଖେଡ଼ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ କିମ୍ବା ଏପ୍ରିଲ ୨୬ ଚେନ୍ନାଇ ଏମଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଗୁଜରାଟ ଟାଇଟାନ୍ସ ବିପକ୍ଷ ମ୍ୟାଚ୍‌ରେ ଖେଳିପାରନ୍ତି।ଆଇପିଏଲ୍ ଆରମ୍ଭ ପୂର୍ବ ସପ୍ତାହରେ ଅଭ୍ୟାସ କରୁଥିବା ସମୟରେ ଧୋନି ଗୋଡ଼ ମାଂସପେଶୀରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ତିନି ସପ୍ତାହ ପାଇଁ ବିଶ୍ରାମ ଦିଆଯାଇଥିଲା। ଇତି ମଧ୍ୟରେ ସେ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ଏହା ସତ୍ତ୍ୱେ ସତର୍କତାମୂଳକ ପଦକ୍ଷେପ ରୂପେ ଶନିବାର ଖେଳିଯିବାକୁ ଥିବା ସନ୍‌ରାଇଜର୍ସ ବିପକ୍ଷ ମ୍ୟାଚ୍‌ରେ ତାଙ୍କୁ ବିଶ୍ରାମ ଦିଆଯିବାର ସମ୍ଭାବନା ରହିଛି। ଆସନ୍ତା ସପ୍ତାହରେ ସେ ଦଳକୁ ଫେରିପାରନ୍ତି ଓ ତାଙ୍କୁ ଜଣେ ଇମ୍ପାକ୍ଟ ଖେଳାଳି ଭାବରେ ଖେଳାଯାଇପାରେ।

## ରୋବର୍ଟ ଭାଙ୍ଗିଲା ମାରାଥନ ରେକର୍ଡ

ବେଜିଂ,୨୦।୪: ଚୀନର ରାଜଧାନୀ ବେଜିଂରେ ଆୟୋଜିତ ଏକ ମାରାଥନରେ ମଣିଷଙ୍କ ସହ ରୋବର୍ଟ ଦେଉଥିଲେ। ନିଜ ଦେଉିବା ଦକ୍ଷତା ତଥା ସ୍ୱୟଂଚାଳିତ ଦିଗ ନିର୍ଦ୍ଧାରଣ କୌଶଳରେ ଏହି ରୋବର୍ଟଗୁଡିକ ମାନବ ଧାବକମାନଙ୍କୁ ଅତି ସହଜରେ ପଛରେ ପକାଇ ଦେଇଥିଲେ। ଯାହା ଏହି ନିଆରା ମାରାଥନର ପ୍ରମୁଖ ଆକର୍ଷଣ ଥିଲା ।ଗତବର୍ଷ ହିଁ ଏହି ନିଆରା ମାରାଥନ ପ୍ରଥମ ଥର ଲାଗି ଆୟୋଜିତ ହୋଇଥିଲା। ହେଲେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଧିକାଂଶ ରୋବର୍ଟ ରେସ୍ ଶେଷ କରି ପାରି ନଥିଲେ। ସେମାନେ ମଧ୍ୟ ମଣିଷଙ୍କଠାରୁ ଦୁଇଗୁଣା ସମୟ ନେଇଥିଲେ। ଚଳିତବର୍ଷ କିନ୍ତୁ ଭିନ୍ନ ପରିସ୍ଥିତି ଦେଖିବାକୁ ମିଳିଥିଲା। ରୋବର୍ଟଗୁଡିକ ଅତି ସହଜରେ ଦେଉାଦେଉି କରିବା ସହ ସାଧାରଣ ମଣିଷ ଧାବକଙ୍କୁ ଅତି ସହଜର ପଛରେ ପକାଇ ଦେଇଥିଲେ। ରୋବର୍ଟ ବର୍ଗର ବିଜେତା ସାଧାରଣ ବର୍ଗର ବିଜେତାଙ୍କଠାରୁ ପାଖାପାଖି ୧୦ ମିନିଟ୍ କମ୍ ସମୟ ନେଇଥିଲେ। ସେହିଭଳି ଗତବର୍ଷ ମାତ୍ର ୨୦ଟି ରୋବର୍ଟ ଅଂଶଗ୍ରହଣ କରିଥିଲା ବେଳେ ଏଥର ଏହି ସଂଖ୍ୟା ୧୦୦କୁ ବିଥିଲା।

# ଇଡେନ୍‌ରେ ରିଙ୍ଗ୍ ବଜାଇଲେ ବର୍ଡର

କୋଲ୍‌କାତା,୨୦।୪: ଯେଉଁ ଐତିହାସିକ ପଡିଆରେ ଦିନେ ଅଷ୍ଟ୍ରେଲିଆକୁ ପ୍ରଥମ ଦିନିକିଆ ବିଶ୍ୱକପ୍ ବିଜୟ ଭେଟି ଦେଇଥିଲେ ସେଠାରେ ଏହାର ଅଧିନାୟକ ଆଲାନ୍ ବର୍ଡର ରବିବାର ନିଆରା ସ୍ମୃତି ଛାଡିଛନ୍ତି। ରବିବାର ଅପରାହ୍ନରେ ଏଠାରେ ଚଳିତ ଆଇପିଏଲ୍‌ର କୋଲକାତା ନାଇଟ୍ ରାଇଡର୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍ ପୂର୍ବରୁ ଘଣ୍ଟି ବଜାଇ ଏହାର ଶୁଭାରମ୍ଭ କରିଛନ୍ତି। ବର୍ଡରଙ୍କ ସହ ଭାରତୀୟ ଦଳର ପୂର୍ବତନ ଅଧିନାୟକ ତଥା କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି ଉପସ୍ଥିତ ଥିଲେ।




ସୂଚନାଯୋଗ୍ୟ, ଐତିହାସିକ ଇଡେନ୍ ଗାର୍ଡେନ୍ସରେ ୨୦୧୬ ମସିହାରୁ ଘଣ୍ଟି ବଜାଇ ମ୍ୟାଚ୍ ଶୁଭାରମ୍ଭର ପରମ୍ପରା ଚାଲିଆସୁଛି। ପ୍ରଥମ ମ୍ୟାଚ୍‌ରେ ବିଶ୍ୱକପ୍ ବିଜୟୀ ଭାରତୀୟ ଅଧିନାୟକ କପିଳ ଦେବ ଏହା କରିଥିଲେ। ରବିବାର ଘଣ୍ଟି ବଜାୟ କେକେଆର୍-ଆର୍‌ଆର୍ ମ୍ୟାଚ୍ ଶୁଭାରମ୍ଭ ପୂର୍ବରୁ କ୍ରିକେଟ୍ ପ୍ରତି ଉଲ୍ଲେଖନୀୟ ଅବଦାନ ତଥା ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇଥିବାରୁ ବର୍ଡରଙ୍କୁ ମଧ୍ୟ ସିଏବି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଐତିହାସିକ ଇଡେନ୍ ଗାର୍ଡେନ୍‌ସରେ ରବିବାର ଦିନ କୋଲକାତା ନାଇଟ୍ ରାଇଡର୍ସ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୨୮ତମ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ୧୫୬ ରନ୍‌ର ଲକ୍ଷ୍ୟ ନେଇ କୋଲକାତା ବ୍ୟାଟିଂ କରିଥିଲା। କିନ୍ତୁ ଦଳ ୧୯.୪ ଓଭରରେ ୬ଟି ୱିକେଟ୍ ହରାଇ ୧୬୧ ରନ୍ କରିଛି। ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କୋଲକାତାର ବିଜୟର ସହିତ କୋଲକାତାର ପରାଜୟ ଧାରାରେ ବ୍ରେକ୍ ଲାଗିଛି। ଆଇପିଏଲ୍‌ର ଚଳିତ ସଂସ୍କରଣରେ କୋଲକାତା ପ୍ରଥମ ଥର ମ୍ୟାଚ୍ ଜିତିଛି। ଏବଂ ପଏଣ୍ଟ ଟେବୁଲରେ ଗୋଟିଏ ପାଦ ଉପରକୁ ଉଠିଛି। ପଏଣ୍ଟ ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ ତଳଆଡୁ ପ୍ରଥମ ଅଛି। କୋଲକାତାର ବିପର୍ଯ୍ୟୟ ସମୟରେ ରିଙ୍କୁ ସିଂହ ଏବଂ ଅନୁକୂଳ ରୟ ଧୈର୍ଯ୍ୟ ଧରି ବ୍ୟାଟିଂ କରିଥିଲେ। ରାଜସ୍ଥାନର ଖେଳାଳିମାନେ ଉଭୟ ବ୍ୟାଟରଙ୍କୁ ଆଉଟ୍ କରିବାକୁ ସୁଯୋଗ ଖୋଜୁଥିଲେ ମଧ୍ୟ ବିଫଳ ହୋଇଥିଲେ। ରିଙ୍କୁ ସିଂହ ଅପରାଜିତ ୫୩ ରନ୍ କରିଥିଲେ। ସେ ୩୪ଟି ବଲ୍ ଖେଳି ୫ଟି ଚେକା ଏବଂ ୨ଟି ଛକା ମାରିଥିଲା ବେଳେ ଅନୁକୂଳ ୧୬ଟି ବଲ୍‌ର ସାମ୍ନା କରି ୨୯ ରନ୍ କରିଥିଲେ, ଯେଉଁଥିରେ ସେ ଗୋଟିଏ ଚେକା ଏବଂ ୨ଟି ଛକା ଯୋଡିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ଟିମ୍ ସିଫର୍ଟ ଖାତା ନଖୋଲି ଆଉଟ୍ ହୋଇଥିଲେ। ଆଜିଙ୍କ ରହାଣେଙ୍କ ଅବସ୍ଥା ମଧ୍ୟ ସିଫର୍ଟଙ୍କ ଭଳି ହୋଇଥିଲା। କେମରନ ଗ୍ରିନ୍ ୨୭ ରନ୍ କରିଥିଲା ବେଳେ ଅଙ୍ଗକ୍ରିସ୍ ରଘୁବଂଶୀ ୧୦ ରନ୍‌ରେ ଆଉଟ୍ ହୋଇଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ କୋଲକାତାର ଆଗଧାଡିର ୪ଜଣ ଖେଳାଳି ୫୨ ରନ୍‌ରେ ଆଉଟ୍ ହୋଇସାରିଥିଲେ। କୋଲକାତାର ସ୍କୋର ୭୦ରେ ରୋଭମ୍ୟାନ ପାୱେଲ ଏବଂ ୮୫ ରନ୍‌ରେ ରମନଦୀପ ସିଂହ ଆଉଟ୍ ହୋଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ